## ସଂକ୍ଷେପରେ

### ଜମି ବିବାଦକୁ ନେଇ ବୃଦ୍ଧଙ୍କୁ ଭୁଜାଲି ମାଡ

ଖଇରା,୩।୮ (ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବଡନୂଆଗାଁ ଗ୍ରାମରେ ଏକ ଜମି ବିବାଦ ନେଇ ଗ୍ରାମର ଗଜେନ୍ଦ୍ର ବେହେରା ଆକ୍ରମଣର ଶିକାର ହୋଇଛନ୍ତି । ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗଜେନ୍ଦ୍ରଙ୍କ ପରିବାର ଲୋକେ ଆକ୍ରମଣରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖଇରା ଥାନାକୁ ଆସିଥିବା ଏସ୍‌ପି ବି ଯୁଗଳକିଶୋରଙ୍କୁ ଜଣାଇଛନ୍ତି । ଗଜେନ୍ଦ୍ରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ତାଙ୍କର ଏକ ଜମିକୁ ଲକ୍ଷ୍ମୀଧର ସ୍ୱାଇଁ ତାଙ୍କ ଅଧୀନରେ ରଖିଥିବାରୁ ସେ ମୁକୁଳାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜମି ବ୍ୟବହାର ଉପରେ କଟକଣା ଲଗାଇଛନ୍ତି । ଶନିବାର ସକାଳେ ଲକ୍ଷ୍ମୀଧର ସେହି ବିବାଦୀୟ ଜମକୁ ହଳ କରିବାକୁ ଯିବା ବେଳେ ଗଜେନ୍ଦ୍ର ଏହାକୁ ବିରୋଧ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଲକ୍ଷ୍ମୀଧର, ତାଙ୍କ ଭାଇ ମନ୍ମଥ ଓ ଘନଶ୍ୟାମ ଏକ ଭୁଜାଲିରେ ଗଜେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ମତାମତ ନେବାରେ ଏଥିରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଆକ୍ରମଣ ହୋଇଛି । ରବିବାର ତଦନ୍ତ ହେବ ବୋଲି କହିଛନ୍ତି ।

### ଚୋରି ବାଇକ ବିକ୍ରି ଯୋଜନା ବେଳେ ପୋଲିସର ଚଢ଼ାଉ

ବସ୍ତା,୩।୮ (ସ୍ୱ.ପ୍ର.)-ବସ୍ତା ଥାନା ଅନ୍ତର୍ଗତ ହଳଦୀପଦାର ଏକ ଢାବାଠାରେ ଲୁଟେରାମାନେ ଲୁଟ୍ କରି ଆଣିଥିବା ଏକ ବାଇକ୍‌କୁ ବିକ୍ରି କରିବାର ମସୁଧା କରୁଥିବା ବେଳେ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଗାଡ଼ିକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ଲୁଟେରାଙ୍କୁ ଗିରଫ କରାଯାଇଥିବା ଅନ୍ୟ ଜଣେ ଲୁଟେରା ଫେରାର ହୋଇଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ଖଣ୍ଡଗିରି ଥାନା ଯଦୁପୁର ଗ୍ରାମର ଶେଖ ଇମରାନ ହୁସେନ (୨୫) ହଳଦୀପଦାର ଏକ ଢାବା ନିକଟରେ ଚୋରି କରି ଆଣିଥିବା ଏକ ବାଇକ୍ (ନଂ.ଓଡ଼ି୦୧ଡ଼ି-୮୫୬୦) ବିକ୍ରି କରିବା ପାଇଁ ଯୋଜନା କରୁଥିଲେ। ବସ୍ତା ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତ ଶେଖ ଇମରାନଙ୍କୁ ଗିରଫ କରିବା ସହ ଗାଡ଼ିଟିକୁ ଜବତ କରିଥିଲେ। ପୋଲିସ ଆସିବା ଦେଖି ତାଙ୍କ ସହଯୋଗୀ ହଳଦୀପଦାର ପୁନାଲ ପଣ୍ଡା ସେଠାରୁ ଫେରାର ହୋଇଯାଇଥିଲେ। ଜବତ ଗାଡ଼ି ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳରୁ ଚୋରି ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଗତ କିଛିଦିନ ପୂର୍ବରୁ ହଳଦୀପଦା ଖଣ୍ଡାହାର ଗ୍ରାମର ନିରଞ୍ଜନ ବେହେରାଙ୍କ ବାଇକ୍ (ନଂ.ଓଆର୦୧ପି-୪୩୬୮) ଚୋରି ହୋଇଥିବା ବେଳେ ଏନେଇ ବସ୍ତା ପୋଲିସ ମାମଲା (ନଂ. ୨୦୮/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ବିଶ୍ୱ ସ୍ତନ୍ୟପାନ ଦିବସ

ବାଲେଶ୍ୱର ଅଫିସ,୩।୮-ବାଲେଶ୍ୱର ମ୍ୟୁନିସିପାଲିଟିସ୍ଥିତ ୭ ନମ୍ବର ୱାର୍ଡ଼ର ହେମକାପଦା ଅଙ୍ଗନୱାଡ଼ି କେନ୍ଦ୍ରରେ ଶୁକ୍ରବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ମ୍ୟୁନିସିପାଲିଟି ସିଡ଼ିପିଓ ସବିତା ରାଉତ, ମେଡ଼ିକାଲ ଅର୍ବାନ ମ୍ୟାନେଜର ସଞ୍ଜୟ ପରିଡ଼ା, ସୁନହଟ ସେକ୍ଟର ସୁପରଭାଇଜର ଶୁଭଶ୍ରୀ ଜେନା ଉପସ୍ଥିତ ମା'ମାନଙ୍କୁ ମା' କ୍ଷୀରର ଉପକାରିତା ସମ୍ପର୍କରେ ସଚେତନତା କରାଇଥିଲେ।

# ସୁରକ୍ଷା ବନ୍ଧରେ ଜୁଆର ମାଡ଼

- ସମୁଦ୍ର ଆଁରେ ଉପକୂଳ ଗାଁ
- ପାଣି ନିଷ୍କାସନରେ ଚିଙ୍ଗୁଡ଼ି ଘେରି ବାଧକ
- ପର୍ଯ୍ୟଟକଙ୍କୁ ସମୁଦ୍ର ମନା

ଭୋଗରାଇ, ୩।୮ (ଡି.ଏନ.ଏ.)

ଲଘୁଚାପ ସୃଷ୍ଟି ଯୋଗୁ ବଙ୍ଗୋପସାଗର ଅଶାନ୍ତ ହୋଇପଡ଼ିଛି। ସମୁଦ୍ରର ୫ ଫୁଟ୍‌ର ଊର୍ଦ୍ଧ୍ୱ ଜୁଆର କୂଳ ଆଡ଼କୁ ମାଡ଼ି ଆସି ସୁରକ୍ଷା ବନ୍ଧରେ ମାଡ଼ ହେଉଛି। ଏଥିରେ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ବାଲେଶ୍ୱର ଜିଲାର ଭୋଗରାଇ-ଉଦୟପୁରଠାରୁ ଚାନ୍ଦିପୁର-ଗୋପାଳପୁର ପର୍ଯ୍ୟନ୍ତ ୮୪କି.ମି. ବେଳାଭୂମି ଜୁଆର ମାଡ଼ରେ ମୃତ୍ତିକା କ୍ଷୟ ହେବାରେ ଲାଗିଛି। ଭୋଗରାଇର ଉଦୟପୁର-ତାଳସାରୀ-ସୁବର୍ଣ୍ଣପୁର-ଦାଣ୍ଡି, କୀର୍ତ୍ତନିଆ, ଚନ୍ଦ୍ରାବାଲି, ମହାଦେବପାଳ ସହିତ ବାଲିଆପାଳ ଚୌମୁଖ, କଙ୍କଡ଼ାପାଳ, ଡଗରା ଏବଂ ବାହାବଳପୁର, କଷାପଳ, ଚାନ୍ଦିପୁର ଆଦି ସ୍ଥାନରେ ସମୁଦ୍ର ଜୁଆର ମାଡ଼ କରିଥିବା ସୂଚନା ମିଳିଛି।

ଭୋଗରାଇର ପାଣି ନିଷ୍କାସନ ପାଇଁ ବିଭିନ୍ନ ସୁଇସ୍ ଗେଟ୍ ମୁକୁଳା ଥିବାରୁ ଲୁଣି ଜୁଆର ମାଡ଼ି ଆସି ଚାଷ ଜମିରେ ପଶିବାରୁ ଜମିଗୁଡ଼ିକ ଲୁଣାଚର ମାଡ଼ି ଅନୁର୍ବର ହୋଇଛି। ସମୁଦ୍ରର ଉତ୍ତାଳ ଢେଉ ତାଳସାରୀ ସୁବର୍ଣ୍ଣଦ୍ୱୀପରେ ମାଡ଼ କରିବାରୁ ସହସ୍ରାଧିକ ଝାଉଁ ଗଛ ଧରାଶାୟୀ ହୋଇଛି। ଏଥିସହିତ ଓଡ଼ିଶାର ସୀମାନ୍ତ ଦୀଘା, ଶଙ୍କରପୁର-ତାଜପୁର, ଜାମଡ଼ା, ମନ୍ଦାରମଣୀ ଉପକୂଳରେ ପ୍ରବଳ ଜୁଆର ମାଡ଼ ହେବାରୁ ସ୍ଥାନୀୟବାସିନ୍ଦା ଆତଙ୍କିତ ହୋଇଛନ୍ତି। ଦୀଘା-ଉଦୟପୁର-ତାଳସାରୀ, ଶଙ୍କରପୁର ଓ ମନ୍ଦାରମଣି ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି।

ଅପରପକ୍ଷରେ ଭୋଗରାଇ ସମେତ ବାଲେଶ୍ୱର ଜିଲା ଉପକୂଳ ଅଞ୍ଚଳରେ ବ୍ୟାପକ ଚିଙ୍ଗୁଡ଼ିଘେରି ହୋଇଥିବାରୁ ପାଣି ନିଷ୍କାସନରେ ବାଧା ଉପୁଜିଛି। ହଜାର ହଜାର ହେକ୍ଟର ଜମିରେ ଚିଙ୍ଗୁଡ଼ି ଘେରି ଯୋଗୁ ପରିବେଶ ପ୍ରଦୂଷଣ ହେବା ସହିତ ଚିଙ୍ଗୁଡ଼ିଝିଲରୁ ବିଷାକ୍ତ ଜଳ ଚାଷଜମି ଓ ନାଳରେ ପ୍ରବାହିତ ହେଉଛି। ପରିବେଶ ପ୍ରଦୂଷିତ ହୋଇ ବିଭିନ୍ନ ଚର୍ମରୋଗ ସହିତ ସ୍ଥାନୀୟ ବାସିନ୍ଦା ପେଟଜନିତ ରୋଗରେ କଟକ-ଭୁବନେଶ୍ୱର ଚିକିତ୍ସାକେନ୍ଦ୍ରକୁ ଦୌଡ଼ି ନୟାନ୍ତ ହେଉଛନ୍ତି।


ଦୀଘା ଉପକୂଳରେ ଜୁଆର ମାଡ଼।

## ■ ନଦୀପାର୍ଶ୍ୱରେ ଗାଡ଼ୱାଲ ନିର୍ମାଣ ଅଧାପନ୍ତରିଆ
# ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ରୂପ୍‌ସା, ୩।୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅନ୍ତର୍ଗତ ସାନଖୁଡ଼ି ଗ୍ରାମର ଅଣଓସାରିଆ ରାସ୍ତା ଯୋଗୁ ଅସନ୍ତୋଷ ବୃଦ୍ଧି ପାଉଛି। ଗାଁ ମଝି ଦେଇ ପ୍ରବାହିତ ନଦୀପାର୍ଶ୍ୱରେ ଗାଡ଼ୱାଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଗ୍ରାମବାସୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଗାଡ଼ୱାଲ ନିର୍ମାଣ ସହ ରାସ୍ତା ପ୍ରଶସ୍ତୀକରଣ ପାଇଁ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀ ମନୋରମା ଦାସ, ଶଶୀକାନ୍ତ ମଲିକ, ଶ୍ରୀକାନ୍ତ ପରିଡ଼ା, ବରେନ୍ଦ୍ର ବେହେରା, କାର୍ତ୍ତିକ ଦାସ, ସରସ୍ୱତୀ ଦାସ ଓ ମନୋରଞ୍ଜନ ଦାସ ପ୍ରମୁଖ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।

ଡ୍ରେନେଜ ବିଭାଗ ପକ୍ଷରୁ ଗାଁଦେଇ ପ୍ରବାହିତ ନଦୀପାର୍ଶ୍ୱରେ ୨୦୧୭ରେ ଗାଡ଼ୱାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗ୍ରାମବାସୀଙ୍କ ଦାବି ମୁତାବକୁ ଯେତିକି ଦୈର୍ଘ୍ୟ ବିଶିଷ୍ଟ ୱାଲ ନିର୍ମାଣ ହେବା କଥା ତାହା ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ବର୍ଷା ଯୋଗୁ ନଦୀ ଅତଡ଼ା ଖସି ରାସ୍ତା ଧୋଇଯାଉଛି। ଏଥିସହ କେତେକ ଗ୍ରାମବାସୀଙ୍କ ଘର କାନ୍ଥ ମଧ୍ୟ ଭୁଶୁଡ଼ି ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଛି। ୨ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ଏହି ଗାଁ ପ୍ରତି ଏବେ ନଦୀଟି ବିପଦ ସାଜିଛି। ନଦୀପାର୍ଶ୍ୱରେ ସମ୍ପୂର୍ଣ୍ଣ ମାତ୍ରାରେ ଗାଡ଼ୱାଲ ନିର୍ମାଣ ସହ ରାସ୍ତା ପ୍ରଶସ୍ତୀକରଣ ହେଲେ ଗ୍ରାମବାସୀଙ୍କ ସମେତ ସମସ୍ତ ଅଞ୍ଚଳବାସୀଙ୍କ ପାଇଁ ଗମନାଗମନରେ ସୁବିଧା ହୁଅନ୍ତା। ଗାଡ଼ୱାଲ ପାଇଁ ଯେତିକି ବ୍ୟୟଅଟକଳ ଅର୍ଥ ମଞ୍ଜୁରୀ ହୋଇଥିଲା ପ୍ଲାନ ଏଷ୍ଟିମେଟ୍ ଅନୁଯାୟୀ ଗାଡ଼ୱାଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ତୁରନ୍ତ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ■ ବାଇକ ଚୋରି ର୍‍ୟାକେଟ୍ ଠାବ
# ୬ ବାଇକ ଜବତ, ୨ ଗିରଫ

ସଜନାଗଡ଼, ୩।୮ (ଡି.ଏନ.ଏ.)

କିଛିଦିନ ପୂର୍ବରୁ ମାହାଙ୍ଗା ପୋଲିସ ନୀଳଗିରି ଅଞ୍ଚଳକୁ ଆସି ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରି ବାଇକ ଉଦ୍ଧାର କରିଥିଲା। ନୀଳଗିରିରେ ଅନେକ ଚୋରା ଗାଡ଼ି ରହିଥିବା ପୋଲିସ ଜାଣିପାରି ଅନୁସନ୍ଧାନ ଜାରି ରଖିଥିଲା। ଏହାପରେ ତଦନ୍ତରୁ ନୀଳଗିରିରୁ ଯାଜପୁର ପର୍ଯ୍ୟନ୍ତ ଏକ ର୍‍ୟାକେଟ ଲମ୍ବିଥିବା ଜାଣିବାକୁ ପାଇଥିଲା।

ଘଟଣାର ମୁଖ୍ୟ ଖଳନାୟକ ନୀଳଗିରି ଥାନା ଧୋବଶିଳା ଗ୍ରାମର ଉମାକାନ୍ତ ସଙ୍କୁ ନୀଳଗିରି ପୋଲିସ ଗିରଫ କରିବା ସହ ତାଙ୍କଠାରୁ ୩ଟି ଚୋରା ମଟରସାଇକେଲ୍‌କୁ ଜବତ କରିଛି। ସମସ୍ତ ଗାଡ଼ିର ନମ୍ବର ଜାଲ୍ ବୋଲି ପୋଲିସ ତଦନ୍ତରୁ ଜାଣିପାରିଛି। ଏହି ଚୋରା ର୍‍ୟାକେଟ୍‌ରେ ଧର୍ମଶାଳା ଥାନା କାନପୁର ଗ୍ରାମର ପ୍ରଫୁଲ୍ଲ ମଲ୍ଲିକଙ୍କୁ ନୀଳଗିରି ପୋଲିସ୍ ଗିରଫ କରିବା ସହ ତାଙ୍କଠାରୁ ୩ଟି ଚୋରା ବାଇକ୍ ଓ ଏକ ନମ୍ବର ବିହିନ ପଲ୍‌ସର ଗାଡ଼ିକୁ ଜବତ କରିଛି। ଏ ସମସ୍ତ ଗାଡ଼ି ନମ୍ବରଗୁଡ଼ିକ ମଧ୍ୟ ଜାଲ୍ ବୋଲି ତଦନ୍ତରୁ ଜଣାପଡ଼ିଛି । ଉକ୍ତ ଘଟଣାର ତଦନ୍ତକାରୀ ପୋଲିସ ଅଧିକାରୀ ନୀଳଗିରି ଥାନାରେ ସବ୍-ଇନସ୍‌ପେକ୍ଟର ବାସୁଦେବ ଜୟସିଂ ଥାନାରେ ମାମଲା (ନଂ. ୨୬୧/୧୯) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛନ୍ତି।


ଜବତ ବାଇକ୍ ସହ ଗିରଫ ୨ ଚୋର।

# ବାଲିଆପାଳ ୧୨ଘଣ୍ଟା ବନ୍ଦ

ବାଲିଆପାଳ, ୩।୮ (ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଇଡ୍‌କୋ ଛକସ୍ଥିତ ରାଜଧାନୀ ଢାବାରେ ଜଣେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ, ରାସ୍ତାରୋକୋ, ଜଳାପୋଡା ଓ ପୋଲିସକୁ ମାଡ ମାରିବା ଆଦି ଘଟଣା ଘଟିଥିଲା। ପୋଲିସକୁ ମାଡ ମାରିବା ଘଟଣାରେ ୩୧ତାରିଖ ରାତିରେ ୧୩ଜଣଙ୍କୁ ପୋଲିସ ଗିରଫ କରି ୧ତାରିଖରେ କୋର୍ଟଚାଲାଣ କରିଥିଲା। ଏହାର ପ୍ରତିବାଦ କରି ଭାଜପା ପକ୍ଷରୁ ବାଲିଆପାଳରେ ଶନିବାର ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସକାଳ ୬ଟାରୁ ଦଳର କର୍ମୀମାନେ ବ୍ଲକଛକଠାରେ ରାସ୍ତାକୁ ଅବରୋଧ କରିଥିଲେ। ସେମାନେ ମୁହଁରେ କଳାପଟି ବାନ୍ଧି ରାସ୍ତାରେ ବସି ପ୍ରତିବାଦ ଜଣାଇଥିଲେ। ବନ୍ଦକୁ ସମର୍ଥନ ଜଣାଇ ବଣିକ ସଂଘ ମଧ୍ୟ ଦୋକାନ ବଜାର ବନ୍ଦ କରିଥିଲା । ବାଲିଆପାଳ ବସଷ୍ଟାଣ୍ଡ, ଜାମକୁଣ୍ଡା ଛକ, ପାରୁଲିଆ ଛକ, ବ୍ଲକ ଛକ, ସିମୁଳିଆ ମାର୍କେଟ, ସିମୁଳିଆ ବଜାରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ସ୍ଥାନୀୟ ସ୍କୁଲ, କଲେଜ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ରାସ୍ତାରେ ଯାନବାହନ ମଧ୍ୟ ଚଳାଚଳ କରୁ ନ ଥିଲା। ବନ୍ଦ ସପକ୍ଷବାଦୀମାନେ ଏକ ରାଲିରେ ବାହାରି ସହର ପରିକ୍ରମା କରିବା ସହିତ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ପ୍ରତିବାଦ ସଭା କରିଥିଲେ। ପୂର୍ବତନ ଏମ୍‌ପି ମହାମେଘବାହନ ଐରଖାରବେଳ ସ୍ୱାଇଁ, ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଜୟନାରାୟଣ ମହାନ୍ତି, ଭାଜପା ରାଜ୍ୟ ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ସିପ୍ରା ବାଜପେୟୀ, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ନନ୍ଦ, ମୃତ୍ୟୁଞ୍ଜୟ ରାୟ ମହାପାତ୍ର, ଦଳୀୟ ନେତା ବିକାଶ ଗିରି, ଶିବଶଙ୍କର ପ୍ରଧାନ, ଅରବିନ୍ଦ ବେହେରା, କମଳିନୀ ଘଡାଇ, ଶାରଦା ଗିରି, ସୁବଳ ଚନ୍ଦ୍ର ଦାସ ପ୍ରମୁଖ ସାମିଲ ହୋଇଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ଢାବା ମାଲିକ ସାହାବୁଦ୍ଦିନ ଶାହାଙ୍କୁ ଗିରଫ ନ କରି ପୋଲିସ ପ୍ରଶାସନ ତାଙ୍କୁ ଘଣ୍ଟ ଘୋଡାଉଛି ବୋଲି ସମାଲୋଚନା କରାଯାଇଥିଲା। ଏଚଆର୍‌ପିସି ଟିମ୍ ତଦନ୍ତ ରିପୋର୍ଟ ଆସିବା ପୂର୍ବରୁ ପୋଲିସ ଘଟଣା ସହିତ ଆଦୌ ସମ୍ପୃକ୍ତ ନ ଥିବା ବ୍ୟକ୍ତିମାନଙ୍କୁ ରାତିଅଧିଆ ଗିରଫ କରିବା ପ୍ରଶାସନର ଏକତରଫା ନିଷ୍ପତ୍ତି ବୋଲି ସେମାନେ କହିଥିଲେ । ସେମାନଙ୍କୁ ତୁରନ୍ତ ଖଲାସ ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ରବୀନ୍ଦ୍ର ବିଶ୍ୱାଳ, କ୍ଷୀତିଶ ଜେନା, ରାଜେନ୍ଦ୍ର ପାତ୍ର, ନୀଳକଣ୍ଠ ଜେନା, ସୁଜାତା ସି, ଗୁଣାକର ପରିଡା, କମଳଲୋଚନ ଗିରି, ରଶ୍ମିବାଳା ପାତ୍ର, ରଶ୍ମିରଞ୍ଜନ ମହାପାତ୍ର, ନିର୍ମଳା ଜେନା, ଗୀତାରାଣୀ ଦେ, ସୁଶୀଲ ସି, ଦେବେନ୍ଦ୍ର ପିଳ, ହିଂମାଂଶୁ ଜେନା, ସୁଦାମ ଦାସ, ଜିତେନ୍ଦ୍ର ପାତ୍ର ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ରାଲିରେ ସାମିଲ ହୋଇଥିଲେ। ବନ୍ଦ ଡାକରାକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ୭ ପ୍ଲାଟୁନ ଫୋର୍ସ ଏଥିପାଇଁ ବିଭିନ୍ନ ଛକ ବଜାରରେ ମୁତୟନ କରାଯାଇଥିଲା। ବସ୍ତା ଏସ୍‌ଡିପିଓ ରଣଜିତ କୁମାର ପୃଷ୍ଟି, ବାଲିଆପାଳ ଥାନା ଅଧିକାରୀ ରଣଜିତ କୁମାର ସାହୁ, ମାଜିଷ୍ଟ୍ରେଟ ତଥା ତହସିଲଦାର ସ୍ନିଗ୍ଧାଛାୟା ମହାପାତ୍ର ପ୍ରମୁଖ ବାଲିଆପାଳରେ ଉପସ୍ଥିତ ଥିଲେ ।


ଭାଜପା ନେତା ଓ କର୍ମୀମାନେ ମୁହଁରେ କଳାପଟି ବାନ୍ଧି ଧାରଣାରେ ବସିଛନ୍ତି।

## ଡକାୟତି ଯୋଜନା ବିଫଳ
# ୩ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ବାଲେଶ୍ୱର ଅଫିସ, ୩।୮

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଗଳାପୋଲ ନିକଟସ୍ଥ ଭଟ୍ଟରମିଲ୍ ପରିସରରେ ଶୁକ୍ରବାର ମଧ୍ୟରାତ୍ରିରେ ୮ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ସହ ଥିବା ଅନ୍ୟ ୫ଜଣ ପୋଲିସକୁ ଚକ୍‌ମା ଦେଖାଇ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଗିରଫ ୩ଜଣ ହେଲେ ସହଦେବଖୁଣ୍ଟା ଥାନା ଅରଡ଼ବଜାର ଅଞ୍ଚଳର ଏସ୍‌କେ ମାବୁଦ (୨୪), ତେଲେଙ୍ଗାସାହି ଅଞ୍ଚଳର ଶିବ ଦାସ (୧୯) ଓ ମନୋଜ ଲେଙ୍କା (୩୨)। ପୂର୍ବରୁ ମାବୁଦ ନାମରେ ହତ୍ୟା, ଡକାୟତି, ଚୋରି, ଧମକ ଭଳି ୧୧ଟି ପୃଥକ ମାମଲା ଥିବା ବେଳେ ଶିବ ନାମରେ ଗୋଟିଏ ଓ ମନୋଜ ନାମରେ ୫ଟି ମାମଲା ରହିଛି। ଏନେଇ ଥାନାରେ ମାମଲା (ନଂ. ୨୧୬/୧୯) ଓ ୩୯୯, ୪୦୨ ଆଇପିସି ଧାରା ଅନୁଯାୟୀ ଗିରଫ ୩ ଅପରାଧୀଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।


ଗିରଫ ୩ ଅପରାଧୀ।

## ହୋଟେଲରୁ ୬ ଶିଶୁ ଉଦ୍ଧାର

ସିମୁଳିଆ,୩।୮ (ଡି.ଏନ.ଏ.)

ଶିଶୁମାନଙ୍କ ସୁରକ୍ଷା ପାଇଁ ସରକାର 'ପରୀ' ଯୋଜନା ପ୍ରଣୟନ କରିଛନ୍ତି। ତେବେ ସଚେତନତା ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ । ଶନିବାର ମଧ୍ୟାହ୍ନରେ ସିମୁଳିଆ ବ୍ଲକର ସଦର ମହକୁମା ମାର୍କୋଣାର ବିଭିନ୍ନ ହୋଟେଲରେ କାମ କରୁଥିବା ୬ଜଣ ଶିଶୁଙ୍କୁ ଏସ୍‌ପିଙ୍କ ନିର୍ଦ୍ଦେଶରେ 'ପରୀ' ଟିମ୍ ଉଦ୍ଧାର କରି ବାଲେଶ୍ୱର ନେଇଯାଇଛି। ଭୋଗରାଇ ଢାବାରେ ଶିଶୁ ମୃତ୍ୟୁ ପରେ ଜିଲା ପ୍ରଶାସନର ଚେତା ପଶିଛି। ତେବେ ହୋଟେଲରେ କାମ କରାଉଥିବା ମାଲିକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହି ଯୋଜନାର କୌଣସି ଫରକ ପଡୁ ନ ଥିବା ସାଧାରଣରେ ଆଲୋଚନା ହେଉଛି।

## ପ୍ରମାଣ ଅଭାବରୁ ୪ ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର ଅଫିସ, ୩।୮

ଏକ ହତ୍ୟା ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ସେସନ୍ସ ଜଜ୍ ଗିରିଜା ଶଙ୍କର ମହାପାତ୍ର ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ ବାଲେଶ୍ୱର ଜିଲା ଖଇରା ଥାନା କଡ଼ମିଆଁ ଗ୍ରାମର ବୁଧିରାମ ରାଉତ (୬୦), ମୃଦୁଳତା ରାଉତ (୪୫), ଔପଦା ଥାନା ପୂର୍ଣ୍ଣଚନ୍ଦ୍ର ନାୟକ (୪୫) ଓ ଲମ୍ବୋଦର ନାୟକ (୨୫)ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଦାଲତ ୧୪ଜଣ ସାକ୍ଷୀଙ୍କର ଜମାନବନ୍ଦୀ ଓ ୨୦ଟି ଦଲିଲ ଦସ୍ତାବିଜକୁ ବିଚାରକୁ ନେଇ ଏହି ରାୟ ଦେଇଛନ୍ତି।

ଗତ ୨୦୧୩ ସେପ୍ଟେମ୍ବର ୨୪ ତାରିଖ ରାତ୍ରିରେ ପର୍ଶୁରାମ ରାଉତ ଯୋସିଆଁ ଗ୍ରାମରେ ଥିବା ଏକ ମଦ ଦୋକାନରେ ପ୍ରଚୁର ମଦ୍ୟପାନ କରିବା ସହ ଉକ୍ତ ରାତ୍ରିରେ ଘରକୁ ଫେରି ନ ଥିଲେ। ଘର ଲୋକମାନେ ତାଙ୍କୁ ରାତିରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ପାଇପାରି ନ ଥିଲେ। ଗତ ୨୦୧୩ ସେପ୍ଟେମ୍ବର ୨୫ ତାରିଖ ପୂର୍ବାହ୍ନ ୬ଟାରେ ପର୍ଶୁରାମଙ୍କ ମୃତଦେହ ମଦ ଦୋକାନ ପାଖ ଚାଷଜମିରେ ପଡ଼ିଥିବା ଦେଖି ତାଙ୍କ ସ୍ତ୍ରୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ. ୧୮୫/୧୩) ରୁଜୁ କରାଯାଇଥିଲା। ମୁଦାଲାମାନଙ୍କ ତରଫରୁ ଆଇନଜୀବୀ ନଟଗୋପାଳ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ବକେୟା ପ୍ରାପ୍ୟ ମିଳୁ ନ ଥିବା ଅଭିଯୋଗ

ରୂପ୍‌ସା, ୩।୮ (ଡି.ଏନ.ଏ.)

ଦକ୍ଷିଣପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପ୍‌ସା ଓ ଭଞ୍ଜପୁର ରେଳଷ୍ଟେଶନରେ ସୁଇପର ଭାବେ ନିଯୁକ୍ତି ପାଇଥିବା ଜଣେ ଯୁବକଙ୍କୁ ଠିକାଦାର ବକେୟା ଦରମା ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି। ଦରମା ମାଗିବାରୁ ତାଙ୍କୁ ଚାକିରିରୁ ଛଟେଇ କରାଯିବା ପରେ ସେ ଏବେ ଚା'ପାନ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି। ହେଲେ ସେ ପାରିଶ୍ରମିକ ପାଇବାରୁ ବଞ୍ଚିତ ହୋଇଥିବାରୁ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ହବିଗଞ୍ଜ ଗ୍ରାମର ଯୁବକ ନିରଞ୍ଜନ ଗୁଡ଼ୁ। ୨୦୧୫ ଡିସେମ୍ବର ୧ ତାରିଖରୁ ରେଳ ବିଭାଗର ସିନିୟର ସେକ୍ସନାଲ ଇଞ୍ଜିନିୟର ଓ ଠିକାଦାରଙ୍କ ମାଧ୍ୟମରେ ତାଙ୍କୁ ସୁଇପର ଭାବେ ନିଯୁକ୍ତି ଦିଆଯାଇଥିଲା। ସେ ପ୍ରଥମେ ରୂପ୍‌ସା ଓ ପରେ ମୟୂରଭଞ୍ଜର ଭଞ୍ଜପୁର ଷ୍ଟେଶନରେ ଦୈନିକ କାର୍ଯ୍ୟ କରିଆସୁଥିଲେ। ୨୦୧୯ ଜାନୁୟାରୀଠାରୁ ନୂତନ ଟେଣ୍ଡର ମାଧ୍ୟମରେ ତାଙ୍କୁ ମାସିକ ୬ହଜାର ଟଙ୍କା ଲେଖାଏ ଦରମାରେ ନିଯୁକ୍ତି ପ୍ରଦାନ କରାଯାଇଥିବା ସେ କହିଛନ୍ତି। ହେଲେ ତାଙ୍କୁ ଜାନୁୟାରୀରୁ ଜୁନ୍ ୬ମାସ ପର୍ଯ୍ୟନ୍ତ ଠିକାଦାର ଗୟାଧର ଓଝା ୫ହଜାର ଟଙ୍କା ଲେଖାଏ ଦରମା ଦେଇ ଚାକିରିରୁ ଛଟେଇ କରିଥିବା ସେ ଅଭିଯୋଗ କରିଛନ୍ତି। ପୂର୍ବରୁ ୨ମାସର ଦରମା ବାକି ଥିବା ବେଳେ ସେ ମୋଟ୍ ୮ମାସରେ ୩୫ହଜାର ଟଙ୍କା ଦରମା ପାଇଛନ୍ତି। ବର୍ଦ୍ଧିତ ଦରମା ବାବଦ ସେ ୧୨ହଜାର ଟଙ୍କା ନ ପାଇ ବାରମ୍ବାର ସିନିୟର ସେକ୍ସନାଲ ଇଞ୍ଜିନିୟର ଓ ଠିକାଦାରଙ୍କୁ ଜଣାଇଥିଲେ ହେଁ ତାଙ୍କୁ ଦରମା ପ୍ରଦାନ କରାଯାଉନାହିଁ। ଅପରପକ୍ଷରେ ସେ ରୂପ୍‌ସା ରେଳଷ୍ଟେଶନ ପାଖରେ ଏକ କ୍ୟାବିନରେ ଚା'ପାନ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଦୈନିକ ଏହି ଦୋକାନରୁ ସେ ୨ଶହରୁ ୨୫୦ ଟଙ୍କା ବିକ୍ରି କରି ଚାଉଳ, ରାଶନ ସାମଗ୍ରୀ, ଔଷଧ ଖର୍ଚ୍ଚ କରିଥାନ୍ତି। ତେବେ ରେଳ ବିଭାଗର ଏହି ଶ୍ରମିକ ମାରଣନୀତି ଯୋଗୁ ସେ ବକେୟା ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇ ଦିନ ବିତାଉଛନ୍ତି। ଏ ସମ୍ପର୍କରେ ଠିକାଦାର ଓଝାଙ୍କୁ ପଚାରିବାରୁ ତାଙ୍କୁ ମାସିକ ୫ହଜାର ଟଙ୍କା ଦରମା ହିସାବରେ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯାଇଥିବା କହିଛନ୍ତି। ସିନିୟର ସେକ୍ସନାଲ ଇଞ୍ଜିନିୟର ତେଜାଶ୍ୱର ରାଓଙ୍କୁ ଯୋଗାଯୋଗ କରାଯିବାରୁ ନିରଞ୍ଜନଙ୍କୁ କିଛି ବକେୟା ପ୍ରାପ୍ୟ ମିଳି ନ ଥିବା ଅଭିଯୋଗ ବିଷୟରେ ଅବଗତ ଥିବା କହିଛନ୍ତି।


ଚା'ପାନ ଦୋକାନ ସମ୍ମୁଖରେ ନିରଞ୍ଜନ।

# ଜ୍ଞାନବିଜ୍ଞାନ ମେଳାରେ ୩୬ରୁ ଊର୍ଦ୍ଧ୍ୱ ପ୍ରକଳ୍ପ

ଖଇରା, ୩।୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସଭାପତି ଗଣେଶ ପ୍ରସାଦ ମହାପାତ୍ର ଯୋଗଦେଇ ପିଲାମାନଙ୍କର ବୌଦ୍ଧିକ ବିକାଶରେ ବିଜ୍ଞାନ ମେଳା ଆୟୋଜନ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ଗୁରୁଜୀ ଶାଶ୍ୱତ ଜେନା ଓ ଗଡପୋଖରୀ ହାଇସ୍କୁଲର ବିଜ୍ଞାନ ଶିକ୍ଷିକ ବନଜା ମଲ୍ଲିକ ବିଚାରକ ଭାବେ ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ । ୩୬ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସମସ୍ତ ଗୁରୁମା ଗୁରୁଜୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।


ଜ୍ଞାନବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

## ସଂକ୍ଷେପରେ

### ବୁଢ଼ାବଳଙ୍ଗ ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ବାଙ୍ଗିରିପୋଷି,୩।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀରୁ ଶନିବାର ଜଣେ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ନଦୀରେ ଏହି ମୃତଦେହ ଭାସୁଥିବାର ଦେଖି ସ୍ଥାନୀୟ ଗ୍ରାମବାସୀ ବାଙ୍ଗିରିପୋଷି ଥାନାକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତକଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହୋଇ ପାରେ ପୋଲିସ କହିଛି। ତାଙ୍କ କପାଳରେ କ୍ଷତ ଚିହ୍ନ ଥିବାରୁ ଏହା ଏକ ହତ୍ୟାକାଣ୍ଡ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪/୧୯) ରୁଜୁ କରି ତଦନ୍ତ କରୁଛି।

### ସର୍ପାଘାତରେ ମହିଳାଙ୍କ ମୃତ୍ୟୁ

**କୁଳିଅଣା, ୩।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଜମ୍ବୀରା ଫାଣ୍ଡି ଅଧୀନ ସୁନ୍ଦରଗୌରା ଗ୍ରାମର ଲକ୍ଷ୍ମୀ ମହାନାୟକ (୨୬) ନାମ୍ନୀ ଜଣେ ମହିଳାଙ୍କର ବିଷାକ୍ତ ସର୍ପ ଦଂଶନରେ ମୃତ୍ୟୁ ଘଟିଛି। ସେ ଶୁକ୍ରବାର ସକାଳେ ଘରେ ଝାଡୁ ମାରୁଥିବା ସମୟରେ ଧାନବୁରା ମଝିରେ ଥିବା ଏକ ସାପ ତାଙ୍କୁ ଦଂଶନ କରିଥିଲା। ପରିବାର ଲୋକେ ଗୁଣିଆ ଡାକି ଝଡ଼ାଫୁଙ୍କା କରିଥିଲେ। ଏଥିଲାଗି ଚିକିତ୍ସା ପାଇଁ ନେବାରେ ବିଳମ୍ବ ଘଟିଥିଲା। ପୂର୍ବାହ୍ନ ପ୍ରାୟ ସାଢେ଼ ୧୦ଟା ସମୟରେ ସେମାନେ ଲକ୍ଷ୍ମୀଙ୍କୁ ବାରିପଦା ମେଡିକାଲ କଲେଜ ହସ୍‌ପିଟାଲକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ସାଢେ଼ ୪ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚାନ୍ଦୁଆ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶନିବାର ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ଥାନାଧିକାରୀ ଅଦଳବଦଳ

**ବଡ଼ସାହି,୩।୮(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନାରେ ନୂତନ ଥାନାଧିକାରୀ ଭାବେ ବିଶ୍ୱଜ କୁମାର ରାଉତରାୟ କାର୍ଯ୍ୟରେ ଶୁକ୍ରବାର ଯୋଗଦେଇଛନ୍ତି। ପୂର୍ବରୁ ଦାୟିତ୍ୱରେ ଥିବା ଥାନାଧିକାରୀ ଜୟନାରାୟଣ ଖଣ୍ଡାଇ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇ କେନ୍ଦୁଝର ଜିଲାକୁ ବଦଳି ହୋଇଛନ୍ତି। ବିଶ୍ୱଜ ପୂର୍ବରୁ ଗଞ୍ଜାମ ଜିଲାର ଭଞ୍ଜନଗର ଥାନାଅଧିକାରୀ ଭାବେ କାର୍ଯ୍ୟ କରି ନିକଟରେ ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଆସିଥିଲେ।

### ଷ୍ଟୁଡିଓରୁ କ୍ୟାମେରା ଚୋରି

**ବହଳଦା,୩।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ନିମଡିହି କଲେଜ ଛକ ନିକଟରେ ଥିବା ଏକ ଷ୍ଟୁଡିଓରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ୩ଟି କ୍ୟାମେରା ଚୋରି କରିନେଇଛନ୍ତି। ଏ ନେଇ ବହଳଦା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ସ୍ଥାନୀୟ କଲେଜ ଛକରେ ଶ୍ୟାମସୁନ୍ଦର ସାମନ୍ତରାୟ ନିଜ ଘରେ ଏକ ଷ୍ଟୁଡିଓ ଖୋଲି ଭିଡିଓ ଶୁଟିଂ ଓ ଫଟୋ ଏଡିଟିଂ କାମ କରୁଥିଲେ। ଶୁକ୍ରବାର ରାତିରେ ବିଦ୍ୟୁତ୍‌କାଟର ସୁଯୋଗ ନେଇ କେହି ଘର ପଛପଟ ଝରକା ଦେଇ କ୍ୟାମେରା ଚୋରି କରି ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।

# ‘ନାରୀ ଶିକ୍ଷାର ଅଧିକ ପ୍ରସାର ଲୋଡ଼ା’


ଉଦଳା ମହିଳା ମହାବିଦ୍ୟାଳୟର ୩୬ ତମ ପ୍ରତିଷ୍ଠା ଦିବସ ଉତ୍ସବରେ ଉପସ୍ଥିତ ଅତିଥି।

**ଉଦଳା,୩।୮(ଡି.ଏନ.ଏ.)**

ନାରୀ ଶିକ୍ଷିତ ହେଲେ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ସମ୍ଭବ। ଏଥିଲାଗି ନାରୀଶିକ୍ଷାର ଅଧିକ ପ୍ରସାର ଲୋଡ଼ା। ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ସଦର ମହକୁମା ଉଦଳାଠାରେ ଥିବା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ୩୬ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଶନିବାର ଆୟୋଜିତ ଏହି ଉତ୍ସବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଉଦଳାର ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଉପଜିଲାପାଳ ଭଗବାନ ବେହେରା ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ପ୍ରତିନିଧି ଅମିୟ କୁମାର ବଳ, ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ବାରିକ, ସମାଜସେବୀ ଶରତ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ତରଫରୁ ଶରତ ଚନ୍ଦ୍ର ଦାସ ଏବଂ ପୂର୍ବତନ କଲେଜ ଅଧ୍ୟକ୍ଷା ସଂଯୁକ୍ତା ବାରିକଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଯୁକ୍ତ ୨ କଳା ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଦୀପ୍ତିରେଖା ମୁର୍ମୁ, ଯୁକ୍ତ ୨ ବିଜ୍ଞାନର ରଞ୍ଜିତା ନାୟକ ଏବଂ ଯୁକ୍ତ ୩ କଳାର ରୋଜାଲିନ୍ ବେହେରାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନବାଗତ ଛାତ୍ରୀଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ଆଦିବାସୀ ଅଧ୍ୟୁଷିତ କପ୍ତିପଦା ଉପଖଣ୍ଡରେ ଏହି ମହିଳା ମହାବିଦ୍ୟାଳୟ ଦୀର୍ଘ ୩୬ ବର୍ଷ ଧରି ନାରୀ ଶିକ୍ଷାର ପ୍ରଗତିକୁ ଉଜ୍ଜୀବିତ କରିବା ସହ ଜ୍ଞାନର ଆଲୋକ ବର୍ତ୍ତିକା ସାଜିଥିବା ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ବରିଷ୍ଠ କର୍ମଚାରୀ କ୍ଷୀରୋଦ ରଞ୍ଜନ ମହାନ୍ତି ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଅଶ୍ୱିନୀ କୁମାର ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡାକ୍ତର ନ ଥିବାରୁ ମିଳୁନି ସ୍ୱାସ୍ଥ୍ୟସେବା

**ବଡ଼ସାହି,୩।୮(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରେ ଶିଶୁ ରୋଗ, ଭେଷଜ, ଅସ୍ତ୍ରୋପଚାର ଓ ନିଶ୍ଚେତକ ବିଶେଷଜ୍ଞ ଭଳି ବିଭିନ୍ନ ପଦବୀ ଖାଲି ପଡ଼ିଛି। ମାତ୍ର ୪ଜଣ ଏମବିବିଏସ ଡାକ୍ତରଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟ ସେବା। ସିଏଚସି ଅଧୀନରେ ଥିବା ସାନକେରକୋ ଓ କମଳାଶୋଳ ଉପସ୍ୱାସ୍ଥ୍ୟକେନ୍ଦ୍ରରେ କେହି ଡାକ୍ତର ନାହାନ୍ତି। ଶାକୁଆ ପିଏଚସିର ଡାକ୍ତରଙ୍କୁ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବା ପରେ ସମୟ ସମୟରେ ଆୟୁଷ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ବଡସାହି ସିଏସିରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଗର୍ଭବତୀମାନେ ଡାକ୍ତରଖାନାକୁ ଆସିବା ଲାଗି ଅନିଚ୍ଛା ପ୍ରକାଶ କରୁଛନ୍ତି। ୧୦୮ ଆମ୍ବୁଲାନ୍ସ ସେବା ପ୍ରଚଳନ ହେବା ପରଠାରୁ ଡାକ୍ତରଖାନାର ଅନ୍ତଃ ଓ ବହିଃବିଭାଗରେ ପ୍ରତିଦିନ ପ୍ରାୟ ୨୦୦ରୁ ଅଧିକ ରୋଗୀ ଆସି ଚିକିତ୍ସିତ ହେଉଥିଲେ। ଏବେ ସ୍ୱାସ୍ଥ୍ୟସେବା ନ ମିଳିବାରୁ ରୋଗୀମାନେ ବାଧ୍ୟ ହୋଇ ୩୫ କି.ମି. ଦୂର ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଚାଲି ଯାଉଛନ୍ତି। ଏହି ବ୍ଲକର ଗ୍ରାମାଞ୍ଚଳବାସୀ ନକଲି ଡାକ୍ତରଙ୍କ ପାଖରେ ଚିକିତ୍ସିତ ହୋଇ ଅକାଳ ମୃତ୍ୟୁବରଣ କରୁଥିବା ଲୋକେ ଅଭିଯୋଗ କରିଛନ୍ତି।

ଉଲ୍ଲେଖନୀୟ ଯେ, ବଡସାହି ସିଏଚସିକୁ ମିଶାଇ ଏ ଅଞ୍ଚଳରେ ୫ ଏଲୋପ୍ୟାଥିକ, ୩ ଆୟୁର୍ବେଦିକ ଓ ୩ ହୋମିଓପ୍ୟାଥିକ ଡାକ୍ତରଖାନା ରହିଛି। ମୋଟ ୫ଟି ସେକ୍ଟର ଅଧୀନରେ ୩୮ ଏଏନଏମ, ୨୦୬ ଆଶାକର୍ମୀ କାର୍ଯ୍ୟ କରୁଛନ୍ତି। ଏସବୁ ସତ୍ତ୍ୱେ ଭିତ୍ତିଭୂମିର ବିକାଶ ନ ହେବା ଏବଂ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ କେବଳ ପ୍ରାଥମିକ ଚିକିତ୍ସା କରି ବାରିପଦା କିମ୍ବା କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି । ଏଭଳି ସମସ୍ୟା ନେଇ ଅଭିଯୋଗ କଲେ କିଛି ପ୍ରତିକାର ହେଉ ନାହିଁ ବୋଲି ବେଲପାଳ ଗ୍ରାମର ମନ୍ଦାକିନୀ ଭୂୟାଁ କହିଛନ୍ତି। ବଳଭଦ୍ରପୁର ଗ୍ରାମର ଶାନ୍ତନୁ ଆଚାର୍ଯ୍ୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଡାକ୍ତର ଅଭାବ କାରଣରୁ ଗରିବ ଲୋକେ ଜଡିବୁଟିର ଆଶ୍ରୟ ନେବା ସହ ଗାଁରେ ବୁଲୁଥିବା କ୍ୱାକ୍‌ମାନଙ୍କ ନିକଟରେ ଚିକିତ୍ସିତ ହେବାକୁ ବାଧ୍ୟ ହେଉଛନ୍ତି। ଅଞ୍ଚଳବାସୀ ସରକାରୀ ଡାକ୍ତରଖାନା ଉପରେ ଭରସା ରଖିପାରୁ ନ ଥିବା ମାଣତ୍ରୀ ଗ୍ରାମର ସଂଯୁକ୍ତା ପଣ୍ଡା କହିଛନ୍ତି। ଯଥାଶୀଘ୍ର ସ୍ୱାସ୍ଥ୍ୟସେବା ସମସ୍ୟାର ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କଂଗ୍ରେସର ୨୩ ନଂ. ବଡ଼ସାହି ଜୋନ ସଭାପତି ଶଶାଙ୍କ ଶେଖର କର ଚେତାବନୀ ଦେଇଛନ୍ତି।

# ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ

## ■ ଦୋକାନ ଘର ପ୍ରଦାନରେ ଅନିୟମିତତା

**ବାରିପଦା ଅଫିସ,୩।୮**

ବାରିପଦା ପୌର ପରିଷଦର କଚେରି ବଜାର ପରିସରରେ ଦୋକାନ ଘର ଲାଗି ଜାଗା ଓ ଲାଇସେନ୍ସ ପ୍ରଦାନରେ ଅନିୟମିତା ହେବା ଘଟଣା ପଦାକୁ ଆସିବା ପରେ କର୍ତ୍ତୃପକ୍ଷ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଠିକାଦାର ଓ କର୍ମଚାରୀଙ୍କ ସମ୍ପର୍କୀୟଙ୍କୁ ଦୋକାନ ଦିଆଯିବା ଅଭିଯୋଗ ହେବା ପରେ ଗତ ୧ ତାରିଖ ଏ ନେଇ ଏକ ରିପୋର୍ଟ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବିଭିନ୍ନ ମହଲରୁ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଘଟଣାକୁ ଗୁରୁତର ସହ ବିଚାରକୁ ନେଇ ତଦନ୍ତ ଆରମ୍ଭ ହୋଇଥିବା ପୌର ପରିଷଦର

**ବାରିପଦା ପୌର ପରିଷଦ**

ନିର୍ବାହୀ ଅଧିକାରୀ ସରୋଜ କୁମାର ସୂଚନା ଦେଇଛନ୍ତି। ତଦନ୍ତ ପରେ ଅନିୟମିତତା ଜଣାପଡିଲେ, ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଉଲ୍ଲେଖନୀୟ ଯେ, ପୌର ପରିଷଦରେ କାର୍ଯ୍ୟ କରୁଥିବା କେତେକ କର୍ମଚାରୀ ଓ ପୌର ପରିଷଦର ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କର ୫ ଜଣ ସମ୍ପର୍କୀୟଙ୍କୁ ସହରର କଚେରି ବଜାର ପରିସରରେ ଦୋକାନ ଘର ନିର୍ମାଣ ଲାଗି ୨୦୧୨ ଓ ୨୦୧୩ରେ ମ୍ୟୁନିସିପାଲ ଆକ୍ଟର ୨୫୫ ଧାରା ଅନୁସାରେ ଜାଗା ପ୍ରଦାନ କରାଯାଇଥିଲା। ପରେ ୨୦୧୫ରେ ସେମାନଙ୍କୁ ଦୋକାନଘର ନିର୍ମାଣ କରିବା ପାଇଁ ଅନୁମତି ଦିଆଯାଇଥିଲା। ପୌର ପରିଷଦର ଜଣେ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସେମାନେ ଦୋକାନ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ଏବଂ ଅନୁମତି ପତ୍ର ପାଇବାର ୬ ମାସ ମଧ୍ୟରେ ନିର୍ମାଣ ଶେଷ କରିବା ଲାଗି କୁହାଯାଇଥିଲା। କିନ୍ତୁ ଅନୁମତି ପତ୍ର ପାଇବାର ପ୍ରାୟ ୪ ବର୍ଷ ପରେ ଏବେ ନିର୍ମାଣ କାର୍ଯ୍ୟ କରାଯାଉଛି। ପୌର କର୍ତ୍ତୃପକ୍ଷ ଏ କ୍ଷେତ୍ରରେ ଅହେତୁକ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହେବା ପରେ ଏ ନେଇ ଖୋଳତାଡ ଆରମ୍ଭ ହୋଇଛି।


କଚେରି ମାର୍କେଟ ପରିସରରେ ତିଆରି ହେଉଥିବା ଦୋକାନ ଘର।

## ଖୁଣ୍ଟା ବ୍ଲକରେ ପାଠ ପଢ଼ାଉଛନ୍ତି ଜାଲ୍ ଶିକ୍ଷକ

**ଖୁଣ୍ଟା,୩।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକରେ ଜାଲ୍ ପ୍ରମାଣପତ୍ର ବଳରେ କେତେକ ଶିକ୍ଷକ ଭାବେ ନିଯୁକ୍ତି ପାଇ ପିଲାଙ୍କୁ ପାଠ ପଢାଉଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଆଧାରରେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସକାଶେ ବିଇଓ କାର୍ଯ୍ୟାଳୟରେ ଦାବି କରାଯାଇଛି। ଏହି ବ୍ଲକ ଅଧୀନ ଡି.ନୂଆଗାଁ ଅଞ୍ଚଳର ଜଣେ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ସନ୍ଦେହ ପ୍ରକାଶ ପାଇବା ପରେ ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ କାର୍ଯ୍ୟାଳୟକୁ ତଥ୍ୟ ମାଗିଥିଲେ। ଅନ୍ୟ ଜଣେ ବ୍ୟକ୍ତି ମାଧ୍ୟମିକ ଶିକ୍ଷା ପରିଷଦ ବାଲେଶ୍ୱର ଜୋନ କାର୍ଯ୍ୟାଳୟରେ ଅନୁରୂପ ଆବେଦନ କରିଥିଲେ। ଉଭୟ କାର୍ଯ୍ୟାଳୟ ପ୍ରଦାନ କରିଥିବା ମାର୍କଶିଟ୍‌ରେ ତାଳମେଳ ରହୁ ନ ଥିବା ଜଣାପଡିଛି। ଗୋଟିଏ ପ୍ରମାଣପତ୍ରରେ ପାସ୍ ବୋଲି ଦର୍ଶାଯାଇଥିବାବେଳେ ଅନ୍ୟଟିରେ ଫେଲ ଦର୍ଶାଯାଇଛି। ଏହି ଘଟଣା ନେଇ ଶିମଗଡ଼ିଆ ଗ୍ରାମର ଜୟଦୀପ ସାହୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କଠାରେ ଦାବି କରିଛନ୍ତି। ଏଭଳି ଜାଲ ପ୍ରମାଣପତ୍ର ଦେଇ ପୂର୍ବରୁ ଚାକିରି କରିବା ଘଟଣା ୨୦୧୬ରେ ପଦାକୁ ଆସିଥିଲା। ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ଲକ ଅଧୀନ କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସାର୍ଟିଫିକେଟ ଓ ମାର୍କଶିଟ ଯାଞ୍ଚ କରାଯାଇଥିଲା। ସମ୍ପ୍ରତି ଆଉ ଜଣେ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ୨ଟି କାର୍ଯ୍ୟାଳୟରୁ ଦୁଇ ପ୍ରକାର ମାର୍କଶିଟ ମିଳିବା ପୁଣି ଚର୍ଚ୍ଚାକୁ ଆସିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ରାଜେଶ ପ୍ରଧାନଙ୍କୁ ପଚାରିବାରୁ ସେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ବନ୍ଧୁ ପାଇଁ ଦିନଟିଏ


ବନ୍ଧୁତ୍ୱ ଦିବସ ପାଇଁ ସବୁ ସାଙ୍ଗ ଏକାଠି ହୋଇଛନ୍ତି।

**ବାରିପଦା ଅଫିସ,୩।୮**

ଅଗଷ୍ଟ ମାସର ପ୍ରଥମ ରବିବାରକୁ ‘ବନ୍ଧୁତ୍ୱ ଦିବସ’ ପାଳନ ଲାଗି ଯୁବପିଢି ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଏହି ଦିନ ବନ୍ଧୁଙ୍କୁ ମନ ପସନ୍ଦର ସାମଗ୍ରୀ ଉପହାର ଦେବା ଲାଗି ଅନେକେ ମଧ୍ୟ କିଣାକିଣି କରି ସାରିଛନ୍ତି। ବନ୍ଧୁବିନା ଜୀବନ କେମିତି ନିରଳସ ଲାଗେ । ବନ୍ଧୁତ୍ୱର ସମ୍ପର୍କ ବଢାଇବାକୁ ଏହି ଦିବସ ଅନେକ ସୁଯୋଗ ଆଣି ଦେଇଥାଏ। ଏହାକୁ ଦୃଷ୍ଟିରେ ରଖି ଯୁବତୀଯୁବକମାନେ ଏକାଠିହୋଇ ଆଗୁଆ ପ୍ରସ୍ତୁତି ଓ ଯୋଜନା କରିଥିବା କହିଛନ୍ତି। ସୋସିଆଲ ମିଡିଆ ସମ୍ପର୍କର ଖିଅ ଯୋଡିବାରେ ଅଧିକ ସହାୟକ ହେଉଛି। ‘ବନ୍ଧୁତ୍ୱ ଦିବସ’ ପାଳନ ଅବସରରେ ଖୋଲାରେ ଗପିବାକୁ ଅନେକ ଯୋଜନା କରିବା ସହ ଉପହାର ସାମଗ୍ରୀ ଭାବେ ବ୍ୟାଣ୍ଡ ଓ କାର୍ଡ କିଣି ରଖିଛନ୍ତି। ଏଥିଲାଗି ଗତ କିଛି ଦିନ ଧରି ବାରିପଦା ସହରର ବିଭିନ୍ନ ଫ୍ୟାନ୍ସି ଷ୍ଟୋର ଓ ଗିଫ୍ଟ କର୍ନର ଓ ଅସ୍ଥାୟୀ ଦୋକାନରେ ଭିଡ ଲାଗି ରହିଛି। ଏହାଛଡା ବିଭିନ୍ନ ପାର୍କ, ହୋଟେଲ ଓ ରେଷ୍ଟୁରାଣ୍ଟରେ ମଧ୍ୟ ଏହି ଦିବସ ପାଳନ ଲାଗି ସ୍ୱତନ୍ତ୍ର ଆୟୋଜନ କରାଯାଉଛି।

ବାରିପଦା ସହରର ଯୁବକ ଦେବାଶିଷ ବିଶ୍ୱାଳ କହିଛନ୍ତି, ବନ୍ଧୁତ୍ୱ ଦିବସର ପ୍ରସ୍ତୁତି ସ୍ୱରୂପ ସେ ସାଙ୍ଗମାନଙ୍କ ସହିତ ଗିଫ୍ଟ କର୍ନର ଯାଇ ଉପହାର ସାମଗ୍ରୀ କିଣାକିଣି କରିଛନ୍ତି। ସ୍ୱତନ୍ତ୍ର ଭାବେ କେକ୍ କାଟି ବନ୍ଧୁଙ୍କ ସହିତ ଏହି ଦିବସ ପାଳନ କରିବେ। ଅବଦୁଲ ହବିବ କହିଛନ୍ତି, ଫ୍ରେଣ୍ଡଶିପ୍ ଡେ ରବିବାର ପଡୁଥିବାରୁ ସାଙ୍ଗମାନଙ୍କ ସହିତ ନିକଟସ୍ଥ ପାର୍କ ବୁଲିଯିବାକୁ ସ୍ଥିର କରିଛନ୍ତି। ରେଷ୍ଟୁରାଣ୍ଟରେ ଖାଇବା ସହିତ ସାରାଦିନ ନୂଆପୁରୁଣା ବନ୍ଧୁଙ୍କ ସହିତ ବିତାଇବେ। ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ତାଙ୍କ ଅଫିସର ସମସ୍ତ ସାଙ୍ଗଙ୍କ ସହିତ ସେ ଫ୍ରେଣ୍ଡଶିପ ଡେ ସେଲିବ୍ରେଶନ କରିବେ। ସମସ୍ତ ସାଙ୍ଗଙ୍କୁ ସରପ୍ରାଇଜ ଗିଫ୍ଟ ଦେବେ। ବନ୍ଧୁତ୍ୱର ପରିଭାଷାକୁ ନେଇ ଅନେକ ମଧ୍ୟ ନାନା ଚର୍ଚ୍ଚା କରୁଛନ୍ତି। ତେବେ ‘ବନ୍ଧୁତ୍ୱ ଦିବସ’ ପାଳନ ଲାଗି ଯୁବପିଢିରେ ବର୍ଷକୁ ବର୍ଷ ଅଧିକ ଆଗ୍ରହ ପରିଲକ୍ଷିତ ହେଉଥିବା ଲକ୍ଷ୍ୟ କରାଯାଉଛି।

# ୧୧ ଶିକ୍ଷକଙ୍କ ଦରମା ବନ୍ଦ

**ଠାକୁରମୁଣ୍ଡା,୩।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ ଏବଂ ଏବିଓ ଭାଗୀରଥି ମହାନ୍ତି ଶନିବାର ଅଚାନକ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ଖୋଲିବା ସମୟରେ ଶିକ୍ଷୟିତ୍ରୀ ଶିକ୍ଷକ ପହଞ୍ଚି ନ ଥିବା ଏବଂ କେତେଜଣ ଅନୁପସ୍ଥିତ ଥିବା ଦେଖି ଅଧିକାରୀ ୫ ଟି ବିଦ୍ୟାଳୟର ୧୧ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେମାନଙ୍କ ଦରମା ବନ୍ଦ ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

ବ୍ଲକ ଶିକ୍ଷା ଅଧିକାରୀ ଏବଂ ଏବିଓ ମହୁଲଡ଼ିହା ଓ ସାତକୋଶିଆ କ୍ଲଷ୍ଟର ଅଧୀନ ଧାତକିଡ଼ିହା, ଗୋଡ଼ଭଙ୍ଗା, ଚିଲିରିପୋଶି, ଗୁଲୁଗୁଲିଆ ଏବଂ ମହୁଲଡ଼ିହା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଶନିବାର ସକାଳୁଆ ବିଦ୍ୟାଳୟ ଥିବା ସତ୍ତ୍ୱେ ଶିକ୍ଷକମାନେ ସକାଳ ସାଢେ ୬ଟା ସୁଦ୍ଧା ଆସି ପହଞ୍ଚି ନ ଥିଲେ। ଧାତକିଡ଼ିହା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଠିକ୍ ସମୟରେ ପହଞ୍ଚି ନ ଥିବା ଏବଂ ଗୋଡ଼ଭଙ୍ଗା ବିଦ୍ୟାଳୟର ୩ ଜଣ, ଚିଲିରିପୋଷୀ, ଘୁଲଘୁଲିଆ, ମହୁଲଡ଼ିହା ପ୍ରାଥମିକ ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷକ ଅନୁପସ୍ଥିତ ଥିବାରୁ ବିଇଓଙ୍କ ଚିଠି (ନମ୍ବର ୭୨୭, ୭୩୦, ୭୩୩, ୭୩୬, ୭୪୦ /ତା ୩/୮/୧୯) ଅନୁଯାୟୀ ସେମାନଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

# ସିଭିଲ୍ ସୋସାଇଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ବେତନଟୀ,୩।୮(ଡି.ଏନ୍.ଏ.)**

ସୂଚନା ଅଧିକାର ଆଇନ ସଂଶୋଧନ ଚିଠା ବିଲ୍‌କୁ ମୟୂରଭଞ୍ଜ ଜିଲା ବେତନଟୀ ସିଭିଲ୍ ସୋସାଇଟି ବିରୋଧ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ଥାନୀୟ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏହା ଗୃହୀତ ହେବା ପରେ ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ସକାଶେ ପଠାଯାଇଛି। ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ ନ କରି କେବଳ ସରକାର ଓ ସରକାରୀକଳର ସ୍ୱାର୍ଥରକ୍ଷା ଲାଗି ନ ଯାଇ ଏଭଳି ସଂଶୋଧନ ଅଣାଯାଇଥିବାରୁ ଏହାକୁ ସ୍ୱୀକୃତି ନ ଦେବାକୁ ସିଭିଲ୍ ସୋସାଇଟି ଦାବି କରିଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ସମୟରେ ସୋସାଇଟିର ସଭାପତି ଚୂଡାମଣି ମହାପାତ୍ର, ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ଭବାନୀ ଶଙ୍କର ପରିଡା, ହରିଶ୍ ଚନ୍ଦ୍ର ନନ୍ଦଗୋସ୍ୱାମୀ, ବିଜୟ କୁମାର ଦ୍ୱିବେଦୀ, ହରେନ୍ଦ୍ରନାଥ ବାରିକ, ରବୀନ୍ଦ୍ର ଖଟୁଆ, ସହଦେବ ଗିରି, ବିରଞ୍ଚି ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ। ୨୦୦୫ରୁ ଦେଶରେ ପ୍ରଚଳିତ ସୂଚନା ଅଧିକାର ଆଇନ ବଳରେ ସାଧାରଣ ନାଗରିକମାନେ ସ୍ୱାଧୀନ ଭାବେ ତଥ୍ୟ ପାଇ ପାରୁଥିଲେ। ମାତ୍ର ସଂଶୋଧିତ ଚିଠା ବିଲ୍ ଦ୍ୱାରା ସାଧାରଣ ନାଗରିକଙ୍କୁ ତଥ୍ୟ ଦେବାରେ କଟକଣା ରହିବ ବୋଲି ସିଭିଲ୍ ସୋସାଇଟି ଦର୍ଶାଇଛି।



ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

# ଛାତ୍ରୀଛାତ୍ରଙ୍କୁ ନେଇ ପଲିଥିନ ମୁକ୍ତ ସଚେତନତା ଅଭିଯାନ


ସଚେତନତା ଅଭିଯାନରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର ବୃନ୍ଦ।

**ବାରିପଦା ଅଫିସ,୩।୮**

ବାରିପଦା ସହରସ୍ଥିତ ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ପଲିଥିନ ମୁକ୍ତ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ସୃଷ୍ଟି ଲାଗି ସହର ପରିକ୍ରମା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇ ପଲିଥିନ ବ୍ୟବହାର ନ କରିବା ପାଇଁ ଲୋକଙ୍କୁ ବୁଝାଇଥିଲେ।

ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରହରି ଦତ୍ତ ପୌରୋହିତ୍ୟ କରିଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ କୁମାର ପତି, ଖବରଦାତା ସଞ୍ଜୟ କୁମାର ଚୌଧୁରୀ, ଏମ୍‌କେସି ସ୍ୱୟଂଶାସିତ କଲେଜର ପୂର୍ବତନ ଅଧ୍ୟକ୍ଷା ଡ.ବନଜା ମହନ୍ତି, ଲାୟନ୍ସ କ୍ଲବର ସଭାପତି ସତ୍ୟବ୍ରତ ଭୂୟାଁ, ସମ୍ପାଦକ ସଞ୍ଜୀବ କୁମାର ପରିଡା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଚନ୍ଦନ ସେଜପଡା, ସିଆରସିସି ରତ୍ନା ବାନାର୍ଜୀ ପ୍ରମୁଖ ଯୋଗ ଦେଇ ପଲିଥିନ ବ୍ୟବହାରର କୁପରିଣାମ ସମ୍ପର୍କରେ ଅବଗତ କରାଇଥିଲେ। ପଲିଥିନ ବ୍ୟତୀତ କପଡା ଓ କାଗଜ ତିଆରି ବ୍ୟାଗ ବ୍ୟବହାର କରିବାକୁ ବକ୍ତାମାନେ ସଚେତନ କରାଇଥିଲେ। ‘ସବୁଜ ସୁନ୍ଦର ବାରିପଦା’ର ଆବାହକ ଜିତେନ୍ଦ୍ର ମହାନ୍ତି ଛାତ୍ରୀଛାତ୍ରମାନେ ନିଜେ ସଚେତନ ରହି ଅନ୍ୟମାନଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଭାଗବତ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ନୃତ୍ୟ ଶିକ୍ଷକ ଡ.ଭକ୍ତହରି ମହାନ୍ତଙ୍କ ସଂଯୋଜନାରେ ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସଚେତନତା ବାର୍ତ୍ତା ଦେବାକୁ ନୃତ୍ୟଗୀତ ପରିବେଷଣ କରିଥିଲେ। ସଚେତନତା ଶୋଭାଯାତ୍ରାରେ ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ଏମ୍‌କେସି ହାଇସ୍କୁଲ, ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଏଏନଏମ କେନ୍ଦ୍ରର ଛାତ୍ରୀଛାତ୍ର ଏକାଠି ହୋଇ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଏକ ସଚେତନତା ରଥକୁ ସାମିଲ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃତୀ ଶିକ୍ଷକ ଡ. ଶଶୀଧର ବିଶ୍ୱାଳ, ଅଧ୍ୟାପକ ସମରେନ୍ଦ୍ର ବଶା, ଭାରତ ଶିକ୍ଷାରତ୍ନ ଶିକ୍ଷକ ଅମିତାଭ ମିଶ୍ର, ଜୀବନଧାରାର ବର୍ଷାରାଣୀ ପାତ୍ର, ମୌସୁମୀ ରାଉତ, ନିବେଦିତା ବେହେରା, ମୌସୁମୀ ଦାସ, ମୌସୁମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଲାୟନ୍ସ କ୍ଲବର ଜଗଦୀଶ ଖଣ୍ଡେଲୱାଲ, ଯତୀନ ମୋହନ ମିଶ୍ର, କିସନଲାଲ ଖଣ୍ଡେଲୱାଲ, ସୁଜିତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୪ ଚୋରି ମୋବାଇଲ ଉଦ୍ଧାର

**ଚାନ୍ଦବାଲି, ୩।୮ (ଡି.ଏନ.ଏ.):** ଗତବର୍ଷ ଜୁନ୍ ମାସରେ ଚାନ୍ଦବାଲି ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ହୋଇଥିବା ୮ଟି ମୋବାଇଲରୁ ପୋଲିସ ୪ଟି ଶନିବାର ଉଦ୍ଧାର କରିଛି। ଏହି ଚୋରିରେ ସମ୍ପୃକ୍ତ ନାବାଳକଙ୍କୁ ପୋଲିସ ଆଣି ପଚରାଉଚୁରା କରିବା ପରେ ଅନୁଗୋଳର ସ୍ୱଧାର ଗୃହକୁ ପଠାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତବର୍ଷ ଦୋକାନ ମାଲିକ ବାଲିଗାଁର ବିଭୁକଲ୍ୟାଣ ଦାସ ୮ଟି ଦାମିକା ମୋବାଇଲ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଚାନ୍ଦବାଲି ଥାନାରେ ଏ ନେଇ ଏକ ମାମଲା(ନଂ.୧୧୧/୨୦୧୮) ରୁଜୁ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ନାୟକାଣିଡିହୀ ଓ କଷିଆ ମେରାଇନ ଥାନା ଅଞ୍ଚଳରୁ ୪ଟି ମୋବାଇଲ ଉଦ୍ଧାର କରିଛି। କଷିଆ ମେରାଇନ ଥାନା ଅନ୍ତର୍ଗତ ବିଦେଇପୁର ଅଞ୍ଚଳର ଉକ୍ତ ନାବାଳକ ଏହି ମୋବାଇଲଗୁଡ଼ିକୁ ଚୋରି କରି ନିଜ ଅଞ୍ଚଳର ଲୋକଙ୍କୁ ବିକ୍ରି କରିଥିଲେ। ପୋଲିସ ଚୋରି ମୋବାଇଲ କ୍ରେତାଙ୍କଠାରୁ ମୋବାଇଲ ଜବତ କରିବା ସହ ସେମାନଙ୍କ ନାମରେ ମାମଲା ରୁଜୁ କରିଛି।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ

**ଭଣ୍ଡାରିପୋଖରୀ, ୩।୮ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ମା' କ୍ଷୀର ଖୁଆଇବା ପାଇଁ ସଚେତନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ, ପ୍ରୋଗ୍ରାମ ଅଫିସର ଜୟନ୍ତ ଭୋଇ, ସୁପରଭାଇଜର ମନୋରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା।

### ମଦନମୋହନଙ୍କ ପରଲୋକ

**ଭଦ୍ରକ ଅଫିସ, ୩।୮:** ସାମାଜିକ କର୍ମୀ ତଥା ସଙ୍ଗଠକ ମଦନମୋହନ ବିଶ୍ୱାଳ(୮୯)ଙ୍କର ଚରମ୍ପା ଡଗରାସାହି ବାସଭବନରେ ପରଲୋକ ଘଟିଛି। ଭଦ୍ରକ ପୌରପାଳିକାର ଏକାଧିକ ଥର କାଉନସିଲର, ନଟବର ମଧ୍ୟଇଂରାଜୀ ଓ ପ୍ରାଥମିକ, ଚରମ୍ପା ରାମଚନ୍ଦ୍ର ବିହାରୀ ଲାଲ ଫିଡର୍, ମଇ ଓ ଉଚ୍ଚ ବିଦ୍ୟାଳୟ ଏବଂ ଚରମ୍ପା ମହାବିଦ୍ୟାଳୟର ସେ ପ୍ରତିଷ୍ଠାତା ସଦସ୍ୟ ଥିଲେ। ଏଥିସହିତ ଚରମ୍ପା ଓ ଭଦ୍ରକର ବିଭିନ୍ନ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ସଙ୍ଗଠନରେ ସକ୍ରିୟ ଭାବେ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଚରମ୍ପା ବଣିକ ସଂଘ, ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଗୋକୁଳାନନ୍ଦଙ୍କ ସ୍ମୃତିସଭା

**ଭଣ୍ଡାରିପୋଖରୀ, ୩।୮ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ପରିସରରେ ବରିଷ୍ଠ ନାଗରିକ ମଞ୍ଚର କୋଷାଧ୍ୟକ୍ଷ ତଥା ବିଭିନ୍ନ ଅନୁଷ୍ଠାନର କର୍ତ୍ତା, ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଗୋକୁଳାନନ୍ଦ ସାମଲଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ନାଗରିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗୋଲକ ମହାନ୍ତି, ହରେକୃଷ୍ଣ ପଣ୍ଡା, ଧନେଶ୍ୱର ଜେନା, ନଟବର ରାଉଳ, ଭରତ ଚନ୍ଦ୍ର କରଣ, ଡମ୍ବରୁଧର ବେହେରା, ଗୌରହରି ଦାସ, ଡ. ଯୋଗେନ୍ଦ୍ର ନାଥ ଦାସ, ବସନ୍ତ ରାଉତ, ଅନନ୍ତ ତ୍ରିପାଠୀ, ନାରାୟଣ ପୋଥାଳ, ଉମାକାନ୍ତ ଜେନା ଓ ଥାନାଧିକାରୀ ସୁକାନ୍ତି କେରେଇ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଚିଙ୍ଗୁଡ଼ି ଚାଷୀଙ୍କ କବ୍‌ଜାରେ କେନାଲ

**ଚାନ୍ଦବାଲି, ୩।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ବିଭିନ୍ନ ନଦୀ ଓ ଏହାର ଶାଖାନଦୀରେ ସଂଯୁକ୍ତ ଜଳସେଚନ ପାଇଁ ଉଦ୍ଦିଷ୍ଟ କେନାଲଗୁଡ଼ିକ ଚିଙ୍ଗୁଡ଼ି ଚାଷୀଙ୍କ କବ୍‌ଜାରେ ରହିଛି। ନଦୀ ଓ କେନାଲକୂଳିଆ ଚାଷଜମି, ଗୋଚର ଓ ଅନାବାଦୀରେ ବେଆଇନ ଚିଙ୍ଗୁଡ଼ି ଘେରି ଖୋଲାଯାଇଛି। ଏବେ ଚିଙ୍ଗୁଡ଼ି ଫାର୍ମକୁ ଲୁଣାପାଣି ପ୍ରବେଶ କରାଇବା ପାଇଁ ଚାଷୀ କେନାଲର ସ୍ଲୁଇସ୍ ଗେଟ୍‌କୁ ନିୟନ୍ତ୍ରଣ କରିବା ଓ ଆଡ଼ିବନ୍ଧ କାଟିବା କାରଣରୁ ଅବାଧରେ କେନାଲରେ ଲୁଣାପାଣି ପ୍ରବେଶ କରୁଛି। ଫଳରେ ଏହା ଅନ୍ୟ ଚାଷ ଅନୁପଯୋଗୀ ହେଉଛି। ବିଭିନ୍ନ ସମୟରେ ଏହାର ପ୍ରତିକାର ଲାଗି ଚାଷୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାକୁ ନିୟନ୍ତ୍ରଣ କରିବାରେ ବିଭାଗ ଓ ପ୍ରଶାସନ ସକ୍ଷମ ହେଉ ନ ଥିବା ଅଭିଯୋଗ ହେଉଛି। ଚଳିତ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟି ପାଇଁ ଚାଷୀ କେନାଲ ପାଣି ଉପରେ ନିର୍ଭର କରୁଥିବା ବେଳେ ଏହି ଲୁଣାପାଣି ଚିନ୍ତାର କାରଣ ହୋଇଛି। କେନାଲକୂଳିଆ ଜମିର ଧାନତଳି ଘେରା ଓ ରୁଆଧାନ କିଆରିକୁ ପାଣି ମଡ଼ାଇବା ସମ୍ଭବ ହେଉନାହିଁ। ଏହାକୁ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି।

### ଚାଷୀଙ୍କ ଚିନ୍ତା ବଢ଼ାଇଛି ଲୁଣାପାଣି



ହଳଦୀଗଣ୍ଡ କେନାଲରେ ଲୁଣାପାଣି ପଶିଛି।

ମନ୍ତେଇ ନଦୀର ଶାଖା କେନାଲ ନୂଆନଈ ଉପରେ ବାଂଶଡ଼ା ଘାଟ ନିକଟସ୍ଥ ବିଶ୍ୱନାଥପୁରଠାରେ ସ୍ଲୁଇସ୍ ଗେଟ୍ ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉଥିଲେ ମଧ୍ୟ କେତେକ ଚିଙ୍ଗୁଡ଼ି ଚାଷୀ ଏହାକୁ ମନଇଚ୍ଛା ନିୟନ୍ତ୍ରଣ କରୁଥିବା ନେଇ ଅଭିଯୋଗ ହେଉଛି। ଉଲ୍ଲେଖନୀୟ ଯେ, ହଳଦୀଗଣ୍ଡ ଜଳସେଚନ ଯୋଜନାରେ ୧୯୯୨ ମସିହାରେ ଏହି ନୂଆନଈ କେନାଲ ଖନନ କରାଯାଇ ନୂଆଗାଁ ପଞ୍ଚାୟତର ବିଶ୍ୱନାଥପୁର ନିକଟରେ ସ୍ଲୁଇସଗେଟ୍ ତିଆରି ହୋଇଥିଲା। ଏହାଦ୍ୱାରା ମନ୍ତେଇ ନଦୀର ଲୁଣାପାଣି କେନାଲ ମଧ୍ୟକୁ ପ୍ରବେଶକୁ ନିୟନ୍ତ୍ରଣ କରାଯିବା ସହ ଜଳସେଚନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ସମ୍ପୃକ୍ତ ଜଳସେଚନ ପ୍ରକଳ୍ପ ଦ୍ୱାରା ଚାନ୍ଦବାଲି ବ୍ଲକର ନୂଆଗାଁ, ଯଶୀପୁର, ଜଳେଶ୍ୱରପୁର, ନଳଗୋହିରା, ମୌସୁଧା, ମତୋ, ନାଲଗୁଣ୍ଡା, ଘଟପୁର ପରି କେତେକ ପଞ୍ଚାୟତର ଚାଷୀ ଧାନ ଓ ପନିପରିବା ଚାଷରୁ ଉପକୃତ ହେଉଥିଲେ। ଏବେ କେନାଲ ମଧ୍ୟରେ ମନ୍ତେଇ ନଦୀର ଲୁଣାପାଣି ବର୍ଷତମାମ ପ୍ରବେଶ କରୁଛି। ଏହି ଲୁଣାପାଣି ଅନ୍ୟ କେତେକ ଶାଖା କେନାଲରେ ପ୍ରବେଶ କରିବା ଫଳରେ ସ୍ଥାନୀୟ ଅଞ୍ଚଳର କେନାଲ ଓ ଗୋହିରୀର ପାଣି ଲୁଣା ହେଉଛି। କେନାଲରେ ଲୁଣାପାଣି ପ୍ରବେଶ କରିବାରୁ ଧାନ ଓ ପନିପରିବା ଚାଷ ସହିତ ଗୋରୁଗାଈଙ୍କ ପିଇବା ପାଇଁ ସମସ୍ୟା ହୋଇଛି ବୋଲି ପରମାନନ୍ଦପୁର ଗାଁର ନରହରି ଦାସ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ମାଝିଙ୍କୁ ପଚାରିବାରୁ ଘଟଣାର ସତ୍ୟାସତ୍ୟ ଥିଲେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଖରିଫ ଚାଷ ଅମଳ ପରେ ପ୍ରାୟ ଜାନୁୟାରୀ ଆରମ୍ଭରେ କେନାଲରେ ସାମୁଦ୍ରିକ ଲୁଣାପାଣି ପ୍ରବେଶ କରିଥାଏ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟି କାରଣରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ନଦୀପାଣି ଲୁଣା ହୋଇଯାଇଛି।

# ସ୍ତନ୍ୟପାନ ସଚେତନତା ଶୋଭାଯାତ୍ରା



ଶୋଭାଯାତ୍ରାରେ ବାସୁଦେବପୁର ସିଡିପିଓ, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

**ବାସୁଦେବପୁର, ୩।୮ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକର ଇରମଠାରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଇରମ କ୍ଲଷ୍ଟର ଆନୁକୂଲ୍ୟରେ ଅଙ୍ଗନୱାଡି କର୍ମୀ, ସହାୟିକା ଓ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ନେଇ ସ୍ତନ୍ୟପାନ ସଚେତନତା ଶୋଭାଯାତ୍ରା ଓ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ଶୋଭାଯାତ୍ରାରେ ବାହାରି ନୂଆଗାଁ, ଇରମ, ଅଡୁଁଆ ଆଦି ପଞ୍ଚାୟତ ପରିକ୍ରମା କରିଥିଲେ। ଜନ୍ମରୁ ୨ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ମା' କ୍ଷୀର ପାନ କରାଇବାକୁ ପରାମର୍ଶ ଦେବା ସହ ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ବାସୁଦେବପୁର ସିଡିପିଓ ଜାନକୀ ଦାସ, କ୍ଲଷ୍ଟର ସୁପରଭାଇଜର ଜୟନ୍ତୀ ରାଉତ, ଭାରତୀ ନାୟକ, ରୁକ୍ମିଣୀ ମହାଲିକଙ୍କ ସହ ଇରମ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ନୂଆଗାଁ ସରପଞ୍ଚ ରଘୁନାଥ ମଳିକ ପ୍ରମୁଖ ଏଥିରେ ସାମିଲ ଥିଲେ। ଜନ୍ମ ନେବା ପରେ ଶିଶୁର ଶରୀର ପାଇଁ ମା'ର କଷକ୍ଷୀର ଗୁରୁତ୍ୱପୂର୍ଣ୍ଣ ଓ ଏହା ସେମାନଙ୍କର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରିବା ସହ ଶରୀରକୁ ଶକ୍ତିଶାଳୀ କରିଥାଏ ବୋଲି କୁହାଯାଇଥିଲା। ମଧ୍ୟାହ୍ନରେ ଇରମସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସିଡିପିଓଙ୍କ ସଭାପତିତ୍ୱରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

## ନବବଧୂଙ୍କୁ ଯୌତୁକ ନିର୍ଯାତନା: ସ୍ୱାମୀ ଗିରଫ

**ତିହିଡ଼ି, ୩।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ବାହାବଳପୁର ପଞ୍ଚାୟତ ପାଳସାହି ଗ୍ରାମର ଦେବକୀ ବାରିକ ନାମ୍ନୀ ଜଣେ ନବବଧୂ ଯୌତୁକ ପାଇଁ ନିର୍ଯାତନା ଦିଆଯାଇଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ଶୁକ୍ରବାର ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୪୮/୧୯) ରୁଜୁ କରିଛି। ପୋଲିସ ଘଟଣାର ତଦନ୍ତ କରି ଶନିବାର ଦେବକୀଙ୍କ ସ୍ୱାମୀ ସନ୍ତୋଷ ବାରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ଚାନ୍ଦବାଲି ଥାନା ଅଧୀନ ପାଗୁଡ଼ା ଗ୍ରାମର ପଞ୍ଚାନନ ବାରିକଙ୍କ ଝିଅ ଦେବକୀ ଦୁଇମାସ ତଳେ ସନ୍ତୋଷଙ୍କୁ ବିବାହ କରିଥିଲେ। ସେତେବେଳେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରେ ଅଧିକ ଯୌତୁକ ଦାବି କରି ତାଙ୍କୁ ଶାଶୂଘର ଲୋକେ ନିର୍ଯାତନା ଦେଇଥିଲେ। ନିର୍ଯାତନା ସହି ନ ପାରି ଦେବକୀ ୫/୬ ଦିନ ପୂର୍ବେ ତାଙ୍କ ବାପଘରକୁ ଚାଲି ଆସିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ନାବାଳିକା ବଳାତ୍କାର ଘଟଣା: ଅଭିଯୁକ୍ତଙ୍କୁ ଧରୁନି ପୋଲିସ
# ପୀଡ଼ିତାଙ୍କ ସହ ସପରିବାର ଦେଲେ ଧାରଣା

**ଭଦ୍ରକ ଅଫିସ, ୩।୮**

ତିହିଡ଼ି ଥାନା ଅଧୀନ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ମାସକ ପୂର୍ବେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନାବାଳିକାଙ୍କ ଅଭିଯୋଗକୁ ଭିତ୍ତିକରି ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଜଣଙ୍କ ବିରୋଧରେ ମାମଲା(ନଂ.୨୮୬/୧୯) ରୁଜୁ କରିଛି। ଏହାମଧ୍ୟରେ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି ପୋଲିସ କାହାରିକୁ ଗିରଫ କରିନାହିଁ। ପୀଡ଼ିତା ନାବାଳିକା ଓ ତାଙ୍କ ପରିବାର ଲୋକେ ଏ ସମ୍ପର୍କରେ ମିଳିତ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରି ଶନିବାର ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ନାବାଳିକାଙ୍କୁ ଅଭିଯୁକ୍ତ ଓ ତାଙ୍କ ପରିବାର ପକ୍ଷରୁ ପୋଡ଼ି ମାରିଦିଆଯିବ ବୋଲି କହି ହତ୍ୟା ଧମକ ଦିଆଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ରିପୋର୍ଟ ଲେଖା ଯିବା ସୁଦ୍ଧା କୌଣସି ଲିଖିତ ପ୍ରତିଶ୍ରୁତି ଦିଆଯାଇ ନ ଥିବାରୁ ଧାରଣା ଜାରି ରହିଥିଲା।

# ପ୍ରତି ପଞ୍ଚାୟତରେ ବ୍ୟାପକ ଗଛ ଲଗାଇବାକୁ ଆହ୍ୱାନ

**ଭଣ୍ଡାରିପୋଖରୀ, ୩।୮ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଦକ୍ଷିଣବାଡ଼ ପଞ୍ଚାୟତସ୍ଥିତ ବ୍ଲକ ଛକ ବିଜୁବିହାର ରାସ୍ତାପାର୍ଶ୍ୱରେ ଶୁକ୍ରବାର ବୃକ୍ଷରୋପଣ କରାଯାଇଛି। ବିଡିଓ ବନମାଳି ତରାଇ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣିତକାନ୍ତ ସାମଲ ଯୋଗଦେଇ ବିଭିନ୍ନ ପ୍ରକାର ଫଳ ଓ ଫୁଲ ଚାରାରୋପଣ କରିଥିଲେ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ବ୍ୟାପକ ବୃକ୍ଷରୋପଣ ପାଇଁ ବିଡିଓ ତରାଇ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ଅଫିସର ଜୟନ୍ତ କୁମାର ଭୋଇ, ଗଗନ ସେଠୀ, ସଦାଶିବ ଦାସ, ନଟବର ଜେନା, ଶରତ ପଲେଇ, ଦୁର୍ଯ୍ୟୋଧନ ଜେନା, ଜୟନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରତ୍ୟେକ କିଛି ଗଛ ଲଗାଇ ତାହାର ଯତ୍ନ ନେବା ଆବଶ୍ୟକ। ଲକ୍ଷେ ଲୋକଙ୍କ ଜୀବନ ପାଇଁ ଗୋଟିଏ ଗଛର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ବିଜୁବିହାରରେ ବୃକ୍ଷରୋପଣ କରାଯାଉଛି।

# ଶ୍ରେଣୀଗୃହ ଅଭାବ, ବାରଣ୍ଡାରେ ପାଠପଢ଼ା

**ତିହିଡ଼ି, ୩।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କୋହ୍ଲ ମଧ୍ୟଇଂରାଜୀ (ଏମ୍‌ଇ) ସ୍କୁଲରେ ଶ୍ରେଣୀଗୃହ ଅଭାବ ଦେଖାଦେଇଛି। ଫଳରେ ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ ପଢୁଛନ୍ତି। ବର୍ଷା ହେଲେ ଛାତ୍ରୀଛାତ୍ର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ନାୟକ ବିଭିନ୍ନ ସମୟରେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୫୯ ମସିହାରେ ସ୍ଥାପିତ ଏହି ସ୍କୁଲରେ ୩ଟି ଶ୍ରେଣୀରେ ମୋଟ ୨୮୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପୂର୍ବରୁ ସ୍କୁଲରେ ୬ଷ୍ଠ ଓ ୭ମ ଦୁଇଟି ଶ୍ରେଣୀ ଥିଲା। ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ୮ମ ଶ୍ରେଣୀ ସ୍କୁଲ ସହ ସଂଯୋଗ ହୋଇଥିଲା। ଅଧିକ ଶ୍ରେଣୀ ଲାଗି ଗୃହ ଅଭାବରୁ ଶିକ୍ଷାଦାନ ନେଇ ସମସ୍ୟା ଉପୁଜିଥିଲା। ସ୍କୁଲର ଭିତ୍ତିଭୂମିକୁ ନ ସଜାଡ଼ି ଅଧିକ ଶ୍ରେଣୀ ଯୋଡ଼ିଦେବା ଯୋଗୁ ଏହା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଥିଲା।



ଛାତ୍ରମାନେ ସ୍କୁଲ ବାରଣ୍ଡାରେ ବସି ପାଠ ପଢୁଛନ୍ତି।


ସ୍କୁଲ ଅଫିସ ଗୃହକୁ ବାଦ୍ ଦେଲେ ୩ଟି ଶ୍ରେଣୀଗୃହ ରହିଛି। ଏତେସଂଖ୍ୟକ ପିଲାଙ୍କୁ ଶିକ୍ଷାଦାନ ପାଇଁ ଏହି ଶ୍ରେଣୀଗୃହ ଯଥେଷ୍ଟ ହୋଇପାରୁ ନାହିଁ। ଫଳରେ ପିଲାମାନେ ବାରଣ୍ଡାରେ ବସି ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଏପରି ସ୍ଥଳେ ନୂତନ ଶ୍ରେଣୀଗୃହ ନିର୍ମାଣ ସକାଶେ ଅନୁଦାନ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏହାଛଡ଼ା ଅଷ୍ଟମ ଶ୍ରେଣୀ ପାଇଁ ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ତୁରନ୍ତ ଏହି ପଦବୀ ପୂରଣ ନିମନ୍ତେ ଦାବି କରାଯାଇଛି। ଅପରପକ୍ଷେ ସ୍କୁଲର ଉନ୍ନତି ପାଇଁ କମ୍ପୋଜିଟ୍ ଗ୍ରାଣ୍ଟ ଭାବେ ଚଳିତବର୍ଷ ପ୍ରତ୍ୟେକ ସ୍କୁଲକୁ ପିଲାସଂଖ୍ୟା ଅନୁଯାୟୀ ଅର୍ଥ ଯୋଗାଇ ଦିଆଯାଇଛି। ଏହି ସ୍କୁଲକୁ ପିଲା ସଂଖ୍ୟା ଅନୁସାରେ ୭୫ ହଜାର ଟଙ୍କା ମିଳିବା କଥା। ମାତ୍ର ୭୫୦୦ଟଙ୍କା ମିଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍କୁଲର ପିଲା ସଂଖ୍ୟା ଅନୁଯାୟୀ ଆଉ ୨ଟି ଶ୍ରେଣୀଗୃହ ପାଇଁ ଅନୁଦାନ ଯୋଗାଇ ଦିଆଗଲେ ଶିକ୍ଷାଦାନରେ ସମସ୍ୟା ଉପୁଜିବ ନାହିଁ ବୋଲି ପ୍ରଧାନଶିକ୍ଷୟିତ୍ରୀ ନାୟକ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଉଦୟନାରାୟଣ ଦାଶଙ୍କୁ ପଚାରିବାରୁ ଶ୍ରେଣୀଗୃହ ଅଭାବ ଥିବା ସ୍କୁଲ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇଛି, ସରକାରୀ ଅନୁଦାନ ଆସିଲେ ଶ୍ରେଣୀଗୃହ ନିର୍ମାଣ କରାଯିବ ବୋଲି କହିଛନ୍ତି।

**କୋହ୍ଲ ଏମ୍‌ଇ ସ୍କୁଲ**
- ବର୍ଷା ହେଲେ ଅସୁବିଧା ଭୋଗୁଛନ୍ତି ଛାତ୍ରୀଛାତ୍ର
- ନୂତନ ଗୃହ ନିର୍ମାଣ ଲାଗି ଦାବି

## ସେଲ୍‌ଫି କର୍ଣ୍ଣର



କାର୍ତ୍ତିକ



ବନ୍ଦିତା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଏଇ ସପ୍ତାହର କାର୍ଯ୍ୟକ୍ରମ

ଭଦ୍ରକ

**୪।୮।୧୯(ରବିବାର)**
- ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଓ ଜିଲାସ୍ତରୀୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଗବସାହି ଦୁର୍ଗା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

**୫।୮।୧୯(ସୋମବାର)**
- ଇଦ୍-ଉଲ୍-ଜୁହା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।

**୬।୮।୧୯(ମଙ୍ଗଳବାର)**
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା, ସ୍ଥାନ: ଚାନ୍ଦବାଲି ବ୍ଲକ ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।

**୭।୮।୧୯(ବୁଧବାର)**
- ଜିଲା ସ୍ୱାସ୍ଥ୍ୟ ସମିତିର ପରିଚାଳନା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।

**୮।୮।୧୯(ଗୁରୁବାର)**
- ଆମ ଗାଁ ଆମ ବିକାଶ ଯୋଜନାର ସମୀକ୍ଷା, ସ୍ଥାନ: ବାସୁଦେବପୁର ବ୍ଲକ ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।

**୯।୮।୧୯(ଶୁକ୍ରବାର)**
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା, ସ୍ଥାନ: ବନ୍ତ ବ୍ଲକ ଅଫିସ, ସମୟ: ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ଅସଦାଚରଣ କରି କନଷ୍ଟେବଳ ନିଲମ୍ବିତ

**କେନ୍ଦୁଝର, ୩।୮(ସ୍ୱ.ପ୍ର./ଡି.ଏନ୍.ଏ.)-** ଜଣେ ବରିଷ୍ଠ ମହିଳା ଅଧିକାରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସଦର ଥାନାର ଜଗବନ୍ଧୁ ରାଉତ ନାମକ ଜଣେ କନଷ୍ଟେବଲଙ୍କୁ କେନ୍ଦୁଝର ଏସପି ଜୟନାରାୟଣ ପଙ୍କଜ ଶନିବାର ନିଲମ୍ବିତ କରିଛନ୍ତି। ସେ କିଛି ଦିନ ତଳେ ମହିଳା ଅଧିକାରୀଙ୍କୁ ଅସଦାଚରଣ କରିଥିଲେ । ଏନେଇ ଅଭିଯୋଗ ପରେ ଏସପିଙ୍କ ଆଦେଶ କ୍ରମେ ତଦନ୍ତ ପରେ ସତ୍ୟତା ଜଣାପଡିଥିଲା। ଏସମ୍ପର୍କରେ ଏସପି ଜୟନାରାୟଣ ପଙ୍କଜ କହିଛନ୍ତି ଯେ, ବରିଷ୍ଠ ଅଧିକାରୀଙ୍କୁ ଅବଜ୍ଞା ଓ ଅସମ୍ମାନ କରିଥିବା ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି ।

### ସଡ଼କ ଦୁର୍ଘଟଣାରେ ଛାତ୍ରୀ ଗୁରୁତର

**ତେଲକୋଇ, ୩।୮(ଡି.ଏନ.ଏ.)-** ତେଲକୋଇ ଥାନା ଅନ୍ତର୍ଗତ ଓରିଆ ପଞ୍ଚାୟତ ଅଧୀନ କତରାପାଲି ଗ୍ରାମର ଜଣେ କଲେଜ ଛାତ୍ରୀ ଟ୍ୟୁଶନରୁ ଆସୁଥିବା ବେଳେ ତାଙ୍କୁ ଏକ କାର ଧକ୍କା ଦେଇଛି। ଏଥିରେ ଛାତ୍ରୀ ଶଶ୍ମିତା ଦେହୁରୀ(୧୮)ଗୁରୁତର ହୋଇଥିବାରୁ ତାଙ୍କୁ ତେଲକୋଇ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉକ୍ତ ଗାଡି ପାଲଲହଡା ଅନ୍ତର୍ଗତ ଜମରଡିହଠାରୁ ତେଲକୋଇ ଦେଇ ୪ଜଣ ଯାତ୍ରୀଙ୍କୁ ନେଉଥିବା ବେଳେ ଯାତ୍ରୀ ମାନଙ୍କୁ ପୋଲିସ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ ସମ୍ପୃକ୍ତ ଗାଡି ଚାଳକ ସ୍କୁଲର ଜଣେ ଶିକ୍ଷକ ହୋଇଥିବା ବେଳେ ସେ ତାଙ୍କ ଝିଅକୁ ଚିକିତ୍ସା ପାଇଁ କେନ୍ଦୁଝର ଅଭିମୁଖେ ନେବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

### କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

**ହାଟଡିହୀ, ୩।୮(ସ୍ୱ.ପ୍ର.)-** ହାଟଡିହୀ ବ୍ଲକ କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଶନିବାର ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ସଭାପତି ଭାବେ ସନାତନ ବାରିକ, କାର୍ଯ୍ୟକାରୀ ସଭାପତି ପବିତ୍ର ବାରିକ, ଉପସଭାପତି ବିପ୍ର ସଙ୍ଗିତା ସାହୁ ଓ ନିକିତା ପ୍ରିୟଦର୍ଶନୀ ଖିଲାର, ସମ୍ପାଦକ ଭାବେ ଆକାଶ ସାହୁ, ଯୁଗ୍ମ ସମ୍ପାଦକ ସୁଜାତା ପାତ୍ର ଓ ଦିଲୀପ ରାଉଳ, କୋଷାଧକ୍ଷ ଭାବେ ବଳରାମ ପଣ୍ଡା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ଭାବେ ଦେବାଶିଷ ବାରିକ, ରାଜେନ୍ଦ୍ର ବଳ ଓ ସୁମନ୍ତ ନାୟକ ମନୋନୀତ ହୋଇଛନ୍ତି।

### ସର୍ବେକ୍ଷଣ କାର୍ଯ୍ୟରେ ସହଯୋଗ ପାଇଁ ଆଲୋଚନା

**ଯୋଡ଼ା, ୩।୮(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡା ପୌରପାଳିକା ପକ୍ଷରୁ କରାଯିବାକୁ ଥିବା ସର୍ବେକ୍ଷଣ କାର୍ଯ୍ୟରେ ସହାୟତା କରିବା ପାଇଁ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କ ସହିତ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନରେ ଅନୁଷ୍ଠିତ ଏହି ବୈଠକରେ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ପରିମଳ ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, ଟାଟାଟ୍ରଷ୍ଟର ମୁଖ୍ୟ ସମ୍ବିତ ଦାସ ଉପସ୍ଥିତ ରହି ୨୪ଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ସର୍ବେକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ । ପୌରପାଳିକାର ୩୬ଟି ବସ୍ତି ଅଞ୍ଚଳର ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ, ସେମାନଙ୍କର ପାରିବାରିକ ତଥ୍ୟ ହାସଲ ଏବଂ ଭୂମି ଅଧିକାର ପତ୍ର ଅଧିନିୟମ ୨୦୧୭ ଅନୁଯାୟୀ ଭୂମି ଅଧିକାର ପାଇଁ ବସ୍ତିଗୃହ ପ୍ରଦାନ ଇତ୍ୟାଦି ସର୍ଭେ କାର୍ଯ୍ୟ କରିବା ପାଇଁ ପୌରପାଳିକା ପକ୍ଷରୁ ଯୋଜନା ରହିଛି । ଏହି ସର୍ଭେ କାର୍ଯ୍ୟରେ ଯେଉଁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ସହଯୋଗ କରିବେ ସେମାନଙ୍କୁ ପ୍ରତି ନିର୍ଭୁଲ ଫର୍ମ ପୂରଣ ପାଇଁ ୧୦ ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଆଲୋଚନା ବୈଠକରେ କୁହାଯାଇଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ସୂଚନା ଦେଇଛନ୍ତି। ଏହା ସହିତ ପୌରପାଳିକା ପକ୍ଷରୁ ସଲିଡ ଓ୍ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଉଥିବାରୁ ଘରର ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ଡଷ୍ଟବିନରେ ରଖିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଲୋକମାନଙ୍କୁ ସଚେତନ କରାଇବେ ବୋଲି ବୈଠକରେ ଆଲୋଚନା ହୋଇଥିଲା ।

# ୩ଘଣ୍ଟା ଟ୍ରାଫିକ ଜାମ୍‌ରେ ଫସିଲା ସ୍କୁଲ ବସ୍


ଟ୍ରାଫିକ ଜାମ୍‌ରେ ଫସିଥିବା ଏକ ସ୍କୁଲ ବସ୍।

- ଭୋକରେ ଛାତ୍ରୀଛାତ୍ର ଆଉଟୁପାଉଟୁ
- ହୋଇପାରୁନି ସ୍ଥାୟୀ ସମାଧାନ
- ପ୍ରତିଦିନ ଚାଲିଛି ହଜାର ହଜାର ଟ୍ରକ ପରିବହନ

**ଯୋଡ଼ା, ୩।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ଦେଇ ଯାଇଥିବା ୫୨୦ ନଂ ଜାତୀୟ ରାଜପଥର ବିଲେଇପଦା, ଯୋଡା, ଭଦ୍ରାସାହି, ବଡବିଲ ରାସ୍ତାରେ ଟ୍ରାଫିକ ଜାମ୍ ସମସ୍ୟା ଜଟିଳ ହେବାରେ ଲାଗିଛି । ପ୍ରଶାସନିକ ଅବହେଳା ଯୋଗୁ ହି ଟ୍ରାଫିକ ସମସ୍ୟା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଲୋକେ ଏଥିପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଜାତୀୟ ରାଜପଥ ଦେଇ ହଜାର ହଜାର ଖଣିଜ ବୋଝେଇ ଟ୍ରକ, ଡମ୍ପର ଚଳାଚଳ କରୁଛି। ଶୁକ୍ରବାର ଏହି ଟ୍ରାଫିକ ସମସ୍ୟା ଘଣ୍ଟା ଘଣ୍ଟା ଧରି ଲାଗିରହିଥିଲା।

ଶୁକ୍ରବାର ୫୨୦ନଂ ଜାତୀୟ ରାଜପଥର ଭଦ୍ରାସାହିଠାରୁ ଯୋଡା ମଧ୍ୟରେ ଏହି ଜାମ୍ ଦେଖିବାକୁ ମିଳିଥିଲା। ଦୀର୍ଘ ୩ ଘଣ୍ଟା ଧରି ଏକ ସ୍କୁଲ ବସ୍‌ଟି ଅଟକି ରହିବା ଫଳରେ ଭଦ୍ରାସାହିସ୍ଥିତ ନିଜ ନିଜ ଘରକୁ ଛାତ୍ରୀଛାତ୍ରମାନେ ପହଞ୍ଚି ନ ପାରି ଭୋକରେ ଆଉଟୁପାଉଟୁ ହୋଇ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ସେହିପରି ଶନିବାର ସକାଳ ସମୟରେ ବିଲେଇପଦାଠାରେ ଏତେ ମାତ୍ରାରେ ଟ୍ରାଫିକ ଜାମ୍ ସୃଷ୍ଟି ହୋଇଥିଲା ଯେ, ବିଲେଇପଦାରୁ ଯୋଡା ଡିଏଭି ସ୍କୁଲକୁ ଆସୁଥିବା ବସ୍ ଜାମ୍‌ରେ ଫସି ରହିବାରୁ ଛାତ୍ରୀଛାତ୍ରମାନେ ସ୍କୁଲରେ ପହଞ୍ଚି ପାରି ନ ଥିଲେ । ଅନ୍ୟ କୌଣସି ଉପାୟ ନ ପାଇ କେତେକ ଅଭିଭାବକ ଛାତ୍ରୀଛାତ୍ର ମାନଙ୍କୁ ନେଇ ରାସ୍ତା କଡରେ ଥିବା ବିଲେଇପଦା ଫାଣ୍ଡିକୁ ନେଇ ବସାଇଥିଲେ ଏବଂ ଟ୍ରାଫିକ ଜାମ୍ ହଟାଇବା ପାଇଁ ପୋଲିସ ପାଖରେ ଅଭିଯୋଗ କରିଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ କେନ୍ଦୁଝର ଜିଲାପାଳ, ଚମ୍ପୁଆ ଉପଜିଲାପାଳ, ଯୋଡା, ବାମେବାରୀ, ରୁଗୁଡି, ବିଲେଇପଦା, ବଡବିଲ୍ ପ୍ରଭୃତି ଥାନାର ଭାରପ୍ରାପ୍ତ ଅଧିକାରୀ ତଥା ଯୋଡା ଖଣି ଉପନିର୍ଦ୍ଦେଶକଙ୍କ ସହିତ ବାରମ୍ବାର ବୈଠକ କରୁଥିଲେ ହେଁ ଏହାର ସମାଧାନ ହୋଇପାରୁନାହିଁ । ପୋଲିସର ଅବହେଳା ଯୋଗୁ ଏହି ସମସ୍ୟା ସୁଧୁରିବା ପରିବର୍ତ୍ତେ ଗୁରୁତର ହେବାରେ ଲାଗିଛି ବୋଲି ଜାମ୍‌ରେ ଫସିଥିବା ବସ୍ ଯାତ୍ରୀ ଶ୍ରୀକାନ୍ତ ପାଢୀ, ଦାଶରଥୀ ମହାରଣା, ରାଜ କିଶୋର ପୃଷ୍ଟି, ସନ୍ଦୀପ ଜେନା, ମୃତ୍ୟୁଞ୍ଜୟ ସାହୁ, ବିପିନ ପାତ୍ର ପ୍ରମୁଖ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଖଣି ଲିଜ୍‌ଧାରୀମାନେ ବହୁ ଚକ ବିଶିଷ୍ଟ ବଡ ବଡ ଟ୍ରକରେ ଲୁହାପଥର ପରିବହନ କରିବା ଆରମ୍ଭ କରିଦେଲେଣି। ରାସ୍ତା ନିର୍ମାଣ ହେତୁ ରାଜପଥ ସଂକୀର୍ଣ୍ଣ ହୋଇଯାଉଛି। ଯୋଡାରେ ଥିବା ଦୁଇଟି ଟ୍ରକ ମାଲିକ ସଂଘରେ ଥିବା ଟ୍ରକ, ଡମ୍ପର ଗୁଡିକୁ ଯଥେଷ୍ଟ କାମ ମିଳୁନଥିବା ବେଳେ ଖଣି କମ୍ପାନୀମାନେ ବାହାର ରାଜ୍ୟରୁ ହଜାର ହଜାର ଟ୍ରକ ଆଣି ଖଣିଜ ପରିବହନ କରୁଛନ୍ତି। ଏହା ଟ୍ରାଫିକ ସମସ୍ୟାର ଆଉ ଏକ କାରଣ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଣୁ ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏହାକୁ ନିୟନ୍ତ୍ରଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନର ଚେତାବନୀ ମଧ୍ୟ ଦିଆଯାଇଛି । ଏସମ୍ପର୍କରେ ଯୋଡା ଥାନା ଆଇଆଇସି ବିଜୟକୃଷ୍ଣଙ୍କୁ ପଚାରିବାରୁ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଯୋଡା ଡିଏଭି ସ୍କୁଲ ଛକ, କଳାପାହାଡ, ଟାଟାସ୍ୱଞ୍ଜ ବିଲେଇପଦା ପର୍ଯ୍ୟନ୍ତ ପ୍ରାୟ ୨୦ ଜଣ ଘରୋଇ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି । ଏନେଇ ଯୋଡା ଖଣି ଉପନିର୍ଦ୍ଦେଶକ ଏଲ.ଡି ନାଏକଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଭଦ୍ରାସାହିଠାରୁ ବିଲେଇପଦା ମଧ୍ୟରେ ଦୁଇଟି କ୍ରେନ ରଖାଯାଇଛି । ଟୋଲ ଫ୍ରି ନମ୍ବର ମିଳିନଥିବାରୁ ଜନସାଧାରଣଙ୍କୁ ଏନେଇ କୌଣସି ସୂଚନା ଦିଆଯାଇନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ସେପ୍ଟେମ୍ବର ୩ରେ ହେବ ଅର୍ଥନୈତିକ ଅବରୋଧ

**ଆନନ୍ଦପୁର,୩।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ୨୦ ନଂ. ଜାତୀୟ ରାଜପଥର ଆନନ୍ଦପୁର ଦେଇ ଦୈନିକ କୋଟି କୋଟି ଟଙ୍କାର ଲୁହାପଥର ବିଦେଶକୁ ରପ୍ତାନି ହୋଇଥାଏ। ଏଥିରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିପୁଳ ପରିମାଣର ରାଜସ୍ୱ ଆମଦାନୀ କରୁଛନ୍ତି। ହେଲେ ସ୍ୱାଧୀନତାର ୭୦ ବର୍ଷ ପରେ ବି ଆନନ୍ଦପୁରକୁ ବାରମ୍ବାର ଦାବି ସତ୍ତ୍ୱେ ରେଳପଥ ସଂଯୋଗୀକରଣ ହୋଇପାରି ନାହିଁ। ସେଥିଲାଗି ସେପ୍ଟେମ୍ବର ୩ ତାରିଖରେ ୨୦ନଂ. ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ କରାଯିବା ନେଇ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ପୂର୍ବରୁ ବହୁବାର ଏଥିପାଇଁ ଆନନ୍ଦପୁରର ସଚେତନ ନାଗରିକ ବାରିଗାଁର ମା' ଧନେଇ ସେବା ସଂଘ ପକ୍ଷରୁ ଗଣତାନ୍ତ୍ରିକ ଉପାୟରେ ଧାରଣା, ପ୍ରତୀକ ଧାରଣା ଦେବା ସହିତ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରେଳ ବିଭାଗ, କେନ୍ଦୁଝର ଜିଲାପାଳଙ୍କୁ ଦାବି ଜଣାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରେଳ ବିଭାଗକୁ ୫ ଥର ପତ୍ର ମାଧ୍ୟମରେ ଆନନ୍ଦପୁରକୁ ରେଳପଥ ସଂଯୋଗୀକରଣ ଦାବି ପୂରଣ କରିବା ନିମନ୍ତେ ଅବଗତ କରାଯାଇଥିଲେ ବି ଏ ପର୍ଯ୍ୟନ୍ତ ଏହି ଆଶା ପୂରଣ ହୋଇପାରିନି। ଯାହାର ପ୍ରତିବାଦରେ ଧନେଇ ସେବା ସଂଘର ସଦସ୍ୟ, ଆନନ୍ଦପୁରର ସଚେତନ ନାଗରିକଗଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି।

# ୩ ବର୍ଷ ପରେ ବି ଶ୍ରମିକଙ୍କୁ ମିଳିଲାନି ବକେୟା ମଜୁରି


ବକେୟା ମଜୁରି ପାଇ ନ ଥିବା ଶ୍ରମିକ।

**ଚମ୍ପୁଆ, ୩।୮(ଡି.ଏନ.ଏ.)**

ଚମ୍ପୁଆ ଏନ୍‌ଏସିକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟ ନେଇ ୧ନଂ ୱାର୍ଡ ଗୋଧୂଳି ଠାରେ ଚମ୍ପୁଆ ରେଞ୍ଜ ପକ୍ଷରୁ ସହରୀ ବନୀକରଣ ଯୋଜନାରେ ବୃକ୍ଷରୋପଣ କରାଯାଇଥିଲା। ମାତ୍ର କାର୍ଯ୍ୟ ଶେଷ ହେବାର ୩ ଗୋଟି ଆର୍ଥିକ ବର୍ଷ ଚାଲିଯାଇଥିଲେ ମଧ୍ୟ ଶ୍ରମିକ ମାନଙ୍କ ବକେୟା ମଜୁରୀ ମିଳି ନ ଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ଶେଷ କରି ମଜୁରି ପାଇଁ ରେଞ୍ଜ କାର୍ଯ୍ୟାଳୟକୁ ଦୌଡି ଦୌଡି ଶ୍ରମିକ ମାନେ ନୟାନ୍ତ ହୋଇଥିଲେ ବି ମଜୁରି ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନା ଅନୁସାରେ ଗତ ୨୦୧୬/୧୭ ଆର୍ଥିକ ବର୍ଷରେ ଗୋଧୂଳି ଦଳେଇ ସାହି ଠାରେ ସହରୀ ବନୀକରଣ ଯୋଜନାରେ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ବ୍ୟୟ ବରାଦରେ ୩୦୦୦ ନିମ୍ବ ଗଛ ଲଗାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଶ୍ରମିକ ଭାବେ ନିଯୁକ୍ତ କରାଯାଇ ବନପାଳ ଓ ବନରକ୍ଷୀଙ୍କ ତତ୍ତ୍ୱାବଧାନରେ ଚାରା ପାଇଁ ଗାତ ଖୋଳା, ସାର ଦିଆ, ଚାରା ଲଗାଇବା ସହିତ ଚତୁଃପାର୍ଶ୍ୱରେ ତାରବାଡ ଘେରା ଆଦି କାର୍ଯ୍ୟ କରାଯାଇଥିଲା। ଏଥିପାଇଁ ଶ୍ରମିକ ମାନଙ୍କୁ ଅଳ୍ପ କିଛି ମଜୁରୀ ଦିଆଯାଇଥିବାବେଳେ କାର୍ଯ୍ୟ ଶେଷ ପରେ ଦିଆଯିବ ବୋଲି କୁହାଯାଇଥିଲେ ମଧ୍ୟ ୩ଟି ଆର୍ଥିକ ବର୍ଷ ଶେଷରେ ବି ତାହା ଦିଆଯାଇନି। ଏହା ମଧ୍ୟରେ ୩ ଜଣ ରେଞ୍ଜର ଓ ୩ଜଣ ଫରେଷ୍ଟର ଆସିଲେଣି ହେଲେ ଏହି ଗରିବ ଖଟିଖିଆଙ୍କୁ ତାଙ୍କ ବକେୟା ପ୍ରାପ୍ୟ ମିଳିପାରୁନାହିଁ। ଏପରିକି ଏହି ବନୀକରଣର ଜଗାରଖା ପାଇଁ ନିଯୁକ୍ତ ଜଗୁଆଳିକୁ ପ୍ରଥମେ ପ୍ରଥମେ ମାସେ ଦୁଇ ମାସ ଦରମା ଦିଆଯାଇ ତାହା ମଧ୍ୟ ବନ୍ଦ କରି ଦିଆଯାଇଛି ବୋଲି ଜଗୁଆଳି ନିରଞ୍ଜନ ନାଏକ ସୂଚନା ଦେଇଛନ୍ତି। ବାରମ୍ବାର ରେଞ୍ଜ କାର୍ଯ୍ୟାଳୟକୁ ଯାଇ ମଜୁରୀ ପାଇଁ ଦାବି କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ କେବଳ ଦିନ ଗଡାଇ ଚାଲିଛନ୍ତି। ଏସମ୍ପର୍କରେ ରେଞ୍ଜର ଘାସିନାଥ ପାତ୍ରଙ୍କୁ ପଚାରିବାରୁ ତୁରନ୍ତ ଏହାପ୍ରତି ପଦକ୍ଷେପ ନିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ମେଧାବୀ ଛାତ୍ରଙ୍କୁ ନାମଲେଖା ପାଇଁ ମିଳିଲା ସହାୟତା

**ଆନନ୍ଦପୁର,୩।୮(ସ୍ୱ.ପ୍ର.)**


'ଧରିତ୍ରୀ' ପ୍ରଭାବ

କେନ୍ଦୁଝର ଜିଲାପାଳ ଆଶିଷ ଠାକରେ କୃଷ୍ଣ ଚନ୍ଦ୍ର ହେମ୍ବ୍ରମ୍ ନାମକ ଜଣେ ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ନାମଲେଖା ବାବଦରେ ସହାୟତା ଯୋଗାଇଦେଇଛନ୍ତି। ଜିଲାପାଳଙ୍କ ଏପରି ପଦକ୍ଷେପକୁ ସମ୍ପୃକ୍ତ ଛାତ୍ରଙ୍କ ପରିବାର ଲୋକେ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଘସିପୁରା ବ୍ଲକ ଖାଲିଆମେଣ୍ଟା ପଞ୍ଚାୟତ ପଞ୍ଚୁଗୋଛିଆ ଗ୍ରାମର ବାପଛେଉଣ୍ଡ କୃଷ୍ଣ ଜଣେ ମେଧାବୀ ଓ ଭିନ୍ନକ୍ଷମ ଛାତ୍ର ଅଟନ୍ତି। ଜବାହର ନବୋଦୟ ବିଦ୍ୟାଳୟ, ହଦଗଡରେ ଦଶମ ଓ ଯୁକ୍ତ୨ ପରୀକ୍ଷାରେ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏବେ ସେ ଉଚ୍ଚଶିକ୍ଷା ପାଇଁ ନାମଲେଖାଇବା ବାବଦରେ ୨୨,୩୭୫ ଟଙ୍କା ଆବଶ୍ୟକ ପଡିଥିଲା। ଯାହାକି ପୈଠ କରି ଉଚ୍ଚଶିକ୍ଷା ଲାଭ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡିଥିଲା। ଏନେଇ ଏକ ରିପୋର୍ଟ ଧରିତ୍ରୀରେ ଜୁଲାଇ ୨୯ ତାରିଖରେ ପ୍ରକାଶ ପାଇଥିଲା। ଘସିପୁରା ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ପରେ ଜିଲାପାଳ ଠାକରେ କୃଷ୍ଣ ଚନ୍ଦ୍ରଙ୍କ ନାମ ଲେଖା ବାବଦରେ ୨୨୩୭୫ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜିଲା ଜରୁରିକାଳୀନ ଅଧିକାରୀ ସୁରଞ୍ଜିକା ବେହେରା କହିଛନ୍ତି ଯେ, ଜିଲାପାଳଙ୍କ ନିର୍ଦ୍ଦେଶରେ ଉକ୍ତ ଛାତ୍ରଙ୍କ ଜମାଖାତାରେ ନାମଲେଖା ବାବଦରେ ଆର୍ଥିକ ସହାୟତା ପୈଠ କରାଯାଇଛି। ଜିଲାପାଳଙ୍କ ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# କାଦୁଅ ବିଲରେ ବାପା ମା'ଙ୍କୁ ଆକ୍ରମଣ କଲେ ପୁଅ ବୋହୂ

**ଆନନ୍ଦପୁର,୩।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା କୁଣ୍ଡାକୋଟ ଅଞ୍ଚଳରେ ଜମିବାଡିକୁ ନେଇ ବିବାଦ ଉପୁଜିଛି। ଜଣେ ୭୦ ବର୍ଷୀୟ ବୃଦ୍ଧ ଓ ତାଙ୍କ ପତ୍ନୀଙ୍କୁ କାଦୁଅ ବିଲରେ ମଝିଆ ପୁଅ ବୋହୂ ଆକ୍ରମଣ କରିଛନ୍ତି। ଘଟଣା ଏବେ ଥାନାରେ ପହଞ୍ଚିଛି। ଅଭିଯୋଗ ପାଇବା ପରେ ଘସିପୁରା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ ପୈତୃକ ସମ୍ପତ୍ତିକୁ ସମାନ ଭାବେ ତିନି ଭାଇଙ୍କ ଭିତରେ ଭାଗବଣ୍ଟା କରିବା ପାଇଁ ତାଙ୍କ ବାପା ଚାହୁଁଥିଲେ। କିନ୍ତୁ ମଝିଆ ପୁଅ ଏହାକୁ ବିରୋଧ କରୁଥିଲେ। ପୂର୍ବରୁ ଏନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ସେତେବେଳେ ଘଟଣାର ଆପୋଷ ସମାଧାନ ହୋଇଥିଲା। ଶନିବାର ମଝିଆ ପୁଅ ଏହାକୁ ନ ମାନି ଜୋରଜବରଦସ୍ତ ଜମିରେ ଚାଷ କରିବାକୁ ଉଦ୍ୟମ କରିଥିଲା। ଏହାକୁ ବାପା ଓ ମା' ବିରୋଧ କରିଥିଲେ। ଫଳରେ ମଝିଆ ପୁଅ ଉତ୍ତ୍ୟକ୍ତ ହୋଇ ତାଙ୍କ ବାପା ମା'ଙ୍କୁ ଗଡେଇ ପଡେଇ କାଦୁଅ ବିଲରେ ଆକ୍ରମଣ କରିଥିଲେ। ଏନେଇ ତାଙ୍କ ବାପା ଘସିପୁରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ମଝିଆ ପୁଅ ଓ ବୋହୂଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିବା ସୂଚନା ମିଳିଛି।

# କଠିନ ବର୍ଜ୍ୟବସ୍ତୁ ଉପରେ ସଚେତନତା ଜରୁରୀ

**ବଉଳା, ୩।୮ (ଡି.ଏନ.ଏ.)**

ସରକାର କଠିନ ବର୍ଜ୍ୟବସ୍ତୁ ଗୁଡ଼ିକୁ କିଭଳି ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଇ ଉପଯୋଗୀ କରାଯିବା ସହିତ ତାକୁ ଗୋଟିଏ ସ୍ଥାନରେ ରଖାଯାଇ ସ୍ୱଚ୍ଛ ଭାରତ କରାଯିବାକୁ ପ୍ରୟାସ କରାଯାଉଛି। କିନ୍ତୁ ଯଦି ଏହାକୁ ବିଦ୍ୟାଳୟ ସ୍ତରରେ ସଚେତନତା କରାଯିବା ସହିତ ପଞ୍ଚାୟତ ସ୍ତରରେ କରାଯାଆନ୍ତା ତାହେଲେ ଏହାର ସୁଫଳ ମିଳିପାରନ୍ତା ବୋଲି କୁହାଯାଉଛି । ଶିକ୍ଷକମାନେ ଅଦରକାରୀ ଓ ନଷ୍ଟ ହୋଇ ପଡ଼ିଥିବା ଜିନିଷକୁ ଏକତ୍ର କରି ତାକୁ ନିଜର ବୁଦ୍ଧି ବଳରେ ବିଭିନ୍ନ ରଙ୍ଗ ଦେଇ ବିକ୍ରି କରି ରୋଜଗାର କରିବାର ଦକ୍ଷତା ସୃଷ୍ଟି କରିବା ସହିତ ପରିବେଶ ସନ୍ତୁଳନ ରକ୍ଷା କରୁଥିବାରୁ ଏହା ଅନ୍ୟ ବିଦ୍ୟାଳୟ ଓ ଶିକ୍ଷକ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରି ଚର୍ଚ୍ଚାକୁ ଆସିଛନ୍ତି। ଯଦି ଏଭଳି ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟ ଗୁଡ଼ିକୁ ପଠାଯାଇ କଠିନ ବର୍ଜ୍ୟ ଜିନିଷକୁ କିଭଳି ବ୍ୟବହାର ଜିନିଷ କରାଯିବା ସହିତ ଛାତ୍ରୀଛାତ୍ରଙ୍କ ପ୍ରତି ଆଗ୍ରହ ପ୍ରକାଶ ସୃଷ୍ଟି କରାଯାଆନ୍ତା ତାହେଲେ ସ୍କୁଲର ପରିବେଶ ଓ ଗାଁ ଗଣ୍ଡାରେ ପଡୁଥିବା କଠିନ ବର୍ଜ୍ୟବସ୍ତୁ ଗୋଟିଏ ସ୍ଥାନରେ ରହିବା ସହିତ ଛାତ୍ରଛାତ୍ରୀମାନଙ୍କର କାରିଗରୀ କୌଶଳୀ ପ୍ରତି ଆଗ୍ରହ ସୃଷ୍ଟି ହୋଇପାରନ୍ତା ବୋଲି କୁହାଯାଉଛି। ଏହାକୁ ନେଇ ଜିଲା ସ୍ତରରେ ବୈଠକ ହୋଇଥିଲେ ମଧ୍ୟ ହାଟଡିହୀ ବ୍ଲକ ସ୍ତରରେ ଏହାର ପ୍ରଭାବ ପଡ଼ିନାହିଁ । ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି। ପନ୍ଦାଡ଼ୋ ସ୍କୁଲର ଶିକ୍ଷକ ନିରାକାର ଜେନା କଠିନ ବର୍ଜ୍ୟବସ୍ତୁରେ କିଭଳି ସାମଗ୍ରୀ ନିର୍ମାଣ କରି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଉଛନ୍ତି ତାଙ୍କୁ ଯଦି ଅନ୍ୟ ବିଦ୍ୟାଳୟରେ ଏପରି ଶିଖାଇବାରେ ସୁଯୋଗ ସୃଷ୍ଟି କରାଯାଆନ୍ତା ତାହେଲେ ଧିରେ ଧିରେ ଏହା ବ୍ୟାପକ ହୋଇପାରନ୍ତା ବୋଲି କୁହାଯାଉଛି ।

# ଗରିବ ଆଦିବାସୀଙ୍କ ଲାଗି ଆବାସ ଯୋଜନା ସାତସପନ

**ଢେଙ୍କିକୋଟ, ୩।୮(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆଦିବାସୀ ଅଧ୍ୟୁଷିତ ଘଟଗାଁ ବ୍ଲକ ୨୭ ପଞ୍ଚାୟତର ବହୁ ଆଦିବାସୀଙ୍କ ପାଇଁ ବିଜୁ ପକ୍କାଘର ଏବଂ ଇନ୍ଦିରା ଆବାସ ଯୋଜନାରେ ଘର ପାଇବା ସାତସପନ ହୋଇଛି। ଗରିବ, ଖଟିଖିଆ, ଦିନମଜୁରିଆ ଆଦିବାସୀ ପରିବାର ଲୋକମାନେ ମୂଲ ମଜୁରି ନକଲେ ନ ଚଳେ। ସେମାନେ ପଞ୍ଚାୟତ ଅଫିସ ସରପଞ୍ଚଙ୍କ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଯାଇଥିବା ଏକ ଆଦିବାସୀ ଦମ୍ପତି ଅଭିଯୋଗ କରିଛନ୍ତି। ସେ ହେଲେ ପଇଦା ପାଟଣା ଗ୍ରାମ ପଞ୍ଚାୟତ ଝାଟିଆଳି ସାହି ଚକ୍ରଧର ମୁଣ୍ଡାଙ୍କ ପୁଅ ନବ ମୁଣ୍ଡା। ଦୀର୍ଘ ୧୨ ବର୍ଷ ହେଲା ବିବାହ ହୋଇ ବାପା ମାଆଙ୍କ ଠାରୁ ଅଲଗା ହୋଇ ସ୍ତ୍ରୀ ଏବଂ ଦୁଇ ଝିଅ ପୁଅଙ୍କୁ ନେଇ ସଂସାର ଚଳାଇ ଆସୁଛନ୍ତି। ସେ ଜାଣିବାରେ ବାପା ଚକ୍ରଧର ମୁଣ୍ଡା ମଧ୍ୟ ଦୀର୍ଘବର୍ଷ ସରପଞ୍ଚ ଏବଂ ପଞ୍ଚାୟତ ପିଇଓଙ୍କୁ ଗୁହାରି କରି ମୁଣ୍ଡ ଗୁଞ୍ଜିବା ପାଇଁ ସରକାରଙ୍କ ସହାୟତାରେ ଘର ଖଣ୍ଡେ ପାଇ ପାରିନାହାନ୍ତି। ନିଜ ହାତ ତିଆରି ଝାଟିମାଟି ମାଟିକାନ୍ଥରେ ତିଆରି ଘରେ ଅଦ୍ୟାବଧି ଚଳି ଆସୁଥିବାବେଳେ ସେ ପୁଣି ଭାଙ୍ଗିରୁଜି ଗଲାଣି। ଗୋଟିଏ କୋଠରୀରେ ନବ ତାଙ୍କ ସ୍ତ୍ରୀ, ଝିଅ ପୁଅ ଏବଂ ଗୃହପାଳିତ ପଶୁପକ୍ଷୀ ଏକତ୍ର ରହି ଆସୁଛନ୍ତି। ରାଜ୍ୟ ସରକାର ଗରୀବ ଆଦିବାସୀଙ୍କ ଲାଗି ଯୋଜନା ପରେ ଯୋଜନା କରୁଥିଲେ ମଧ୍ୟ କେତେକ ଦୁର୍ନୀତିଖୋର ନେତାମାନଙ୍କ ପାଇଁ ତାହାର ସଫଳ ରୂପାୟନ ହୋଇପାରୁନାହିଁ। ଏସମ୍ପର୍କରେ ପଞ୍ଚାୟତର ପିଇଓ ଶେଷଧର ବେହେରାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସଫଳ ହୋଇପାରିନାହିଁ। ତେବେ ସରପଞ୍ଚଙ୍କ ନୋମିନୀ ଭୀଷ୍ମଙ୍କ କହିବାନୁଯାୟୀ ବିଜୁ ପକା ଘର ଏବଂ ଇନ୍ଦିରା ଆବାସ ପାଇବା ହିତାଧିକାରୀଙ୍କ ନିମନ୍ତେ ଏକ ତାଲିକା କରାଯାଇ ଘର ବଣ୍ଟନ କରାଯାଇଛି। ମାତ୍ର ଅତି ଦୟନୀୟ ଅବସ୍ଥାରେ ଚଳୁଥିବା ବ୍ୟକ୍ତିଙ୍କ ନିମନ୍ତେ ସରକାର ଅଗ୍ରାଧିକାର ଭିତ୍ତିରେ ସହାୟତା ଯୋଗାଇ ଦେବା ପ୍ରଯୁଜ୍ୟ ଅଟେ। ଏଥିପ୍ରତି ଘଟଗାଁ ବ୍ଲକ ଉନ୍ନୟନ ଅଧିକାରୀ ତୁରନ୍ତ ତଦନ୍ତ କରି ନିରୀହ ଗରିବ ଆଦିବାସୀ ପରିବାରଙ୍କୁ ବିଜୁ ପକ୍କା ଘର କିମ୍ବା ଇନ୍ଦିରା ଆବାସ ଯୋଜନାରେ ସାମିଲ କରି ଏକ ଘର ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# 'ପିଲା ଦିନର ସ୍ୱପ୍ନ ବାଟ କଢ଼ାଇଛି'

**ସନ୍ତୋଷ ରାଉତ**
**ଆନନ୍ଦପୁର, ୩।୮**



ଅତିଥିମାନେ ସନ୍ତୋଷଙ୍କୁ ପୁରସ୍କୃତ କରୁଛନ୍ତି।


ତୂଳୀରେ ଚିତ୍ର ଆଙ୍କୁଛନ୍ତି ସନ୍ତୋଷ।

## ନିଆରା ପ୍ରତିଭା ସନ୍ତୋଷ

ପିଲା ଦିନରୁ ଜଣେ ସଫଳ ଚିତ୍ରକର ହେବାକୁ ସେ ଦେଖିଥିଲେ ସ୍ୱପ୍ନ। ଗରିବ ପରିବାରରେ ଜନ୍ମ ନେଇଥିବାରୁ ଆର୍ଥିକ ଅନଟନ ସତ୍ତ୍ୱେ ନିରନ୍ତର ସାଧନା ବଳରେ ସେ ନିଜ କଳାପ୍ରତିଭାକୁ ବିକଶିତ କରି ରାଜ୍ୟ ପାଇଁ ସୁନାମ ଆଣିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

ଏହି ଚିତ୍ରଶିଳ୍ପୀ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ପଞ୍ଚୁପଲୀ ଗ୍ରାମର ସନ୍ତୋଷ ଦାସ। ବାପା ପାଗଳ ଦାସ ଜଣେ ଚାଷୀ । ଧାନ ଚାଷ ସହିତ ପରିବା ଚାଷ କରି ପରିବାର ପୋଷଣ କରନ୍ତି। ମା'ଜୁଳମଣି ଜଣେ ଗୃହିଣୀ। ସନ୍ତୋଷଙ୍କର ଜଣେ ସାନ ଭାଇ ଓ ଭଉଣୀ ଅଛନ୍ତି। ସେ ୫ମ ଶ୍ରେଣୀରେ ପାଠ ପଢୁଥିବାବେଳେ ଚିତ୍ରକଳା ପ୍ରତି ତାଙ୍କର ଆଗ୍ରହ ବଢିଥିଲା। ନାଜ ଗାଁ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିବାବେଳେ କେନ୍ଦୁଝର ଜିଲା ମୁଖ୍ୟାଳୟରେ ଜୁନିୟର୍ ରେଡକ୍ରସ୍ ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ୨ୟ ସ୍ଥାନ ଅଧିକାର କରିଥିଲେ। ୨୦୦୧ରେ ଦଶମ ପାସ୍ କରିବା ପରେ ଆର୍ଥିକ ଅନଟନ ଯୋଗୁ ସେ ଆଉ ପାଠ ପଢି ପାରି ନ ଥିଲେ। ବହୁ ବିଳମ୍ବରେ ସେ ୨୦୧୫ରେ ଭଦ୍ରକ ଜିଲାରେ ଥିବା 'ବେଚଲର୍ ଅଫ ଭିଜୁଆଲ୍ ଆର୍ଟ'ରେ ନାମ ଲେଖାଇଥିଲେ। ଏହି ଶିକ୍ଷା ହାସଲ ପରେ ସେ ତାଙ୍କ ପିଲାଦିନର ସ୍ୱପ୍ନକୁ ସାକାର କରିବାକୁ ଲାଗିପଡିଥିଲେ। ସନ୍ତୋଷ କହନ୍ତି, ମନରେ ନିଷ୍ଠାଭାବ ରଖି କଳାପ୍ରତି ସେ ନିଜ ଜୀବନକୁ ସମ୍ପୂର୍ଣ୍ଣ ସମର୍ପିତକରିଛନ୍ତି। ୨୦୧୭ରେ ମ୍ୟୁଜିୟମ୍ ଅଫ ନେଚୁରାଲ ହିଷ୍ଟ୍ରି ଆର୍ଟ କ୍ୟାମ୍ପ ପକ୍ଷରୁ ସେ ସମ୍ବର୍ଦ୍ଧିତ ହେବା ପରେ ସେ ଅଧିକ ଉତ୍ସାହିତ ହୋଇଥିଲେ। ପରେ ବି.ସି.ଏ.ସି ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ହୋଇଥିବା ପେଣ୍ଟିଂ ପ୍ରତିଯୋଗିତାରେ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ୨୦୧୮ ରେ ଭୁବନେଶ୍ୱର ଲଳୀତ କଳା ଏକାଡେମୀ ପ୍ରାୟୋଜିତ ପ୍ରଥମ ରାଜ୍ୟ ସ୍ତରୀୟ ଆର୍ଟ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲେ। ପଞ୍ଜାବର ପାସେରିନ୍ ଫାଉଣ୍ଡେଶନ୍ ପକ୍ଷରୁ ପ୍ରାୟୋଜିତ ଆନ୍ତର୍ଜାତୀୟ କଳା ପ୍ରତିଯୋଗିତାରେ ଟପ୍-୧୦ ଭାବେ ପୁରସ୍କୃତ ହେବା ସହ ଇଣ୍ଡିଆନ୍ ଏକାଡେମୀ ଅଫ ଫାଇନ୍ ଆର୍ଟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କୃତିତ୍ୱ ହାସଲ କରିଥିଲେ। ଚଳିବର୍ଷ ପଞ୍ଜାବରେ ଅନୁଷ୍ଠିତ 'ରଙ୍ଗସଙ୍ଗ'ପ୍ରତିଯୋଗିତାରେ ଭାଗ ନେଇ ଗୋଲ୍ଡ ମେଡାଲ ହାସଲ କରିବା ତାଙ୍କ ଜୀବନର ଶ୍ରେଷ୍ଠ ପୁରସ୍କାର ବୋଲି ସେ କହିଛନ୍ତି। ଅଧିକ ପାଠପଢ ପାରି ନ ଥିଲେ ମଧ୍ୟ ଅନେକ ଆର୍ଟ କେନ୍ଦ୍ରରେ ଶ୍ରମଦାନ କରି ସେ ଅଳ୍ପ ବହୁତ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ଏଥିସହ ନିଜେ ଘରେ ରହି ବରାଦ ମୁତାବକ ଆର୍ଟ ତିଆରି କରି ସେ ଅର୍ଥ ରୋଜଗାର କରିଥାନ୍ତି। ଓଡ଼ିଶାର କଳା ସଂସ୍କୃତି ପିଲାଦିନୁ ତାଙ୍କୁ ପ୍ରେରଣା ଯୋଗାଇ ଆସିଛି ବୋଲି ସନ୍ତୋଷ କହିଛନ୍ତି।

## ସଂକ୍ଷେପରେ

### କାର-ବାଇକ ମୁହାଁମୁହିଁ, ଯୁବକ ଗୁରୁତର

**ବାଙ୍ଗିରିପୋଷି,୩।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବଜାର ଦେଇ ଯାଇଥିବା ଏମଡିଆର ୪୫ ନମ୍ବର ରାସ୍ତାରେ ଏକ କାର ଓ ବାଇକ ମଧରେ ଧକ୍କା ହେବାରୁ ଦିଘି ପଞ୍ଚାୟତ ମାନଗୋଡ ମୁଣ୍ଡାକଟା ଗ୍ରାମର ଦୀପକ ମହାନ୍ତ ଗୁରୁତର ଆହାତ ହୋଇଛନ୍ତି। ଦୀପକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବାଙ୍ଗିରିପୋଷି ପୋଲିସ ଉଭୟ ଗାଡି ଜବତ କରି ତଦନ୍ତ କରୁଛି ।

### ରାଢ଼ୋ ଡାକ୍ତରଖାନାରୁ ଚୋରି

**ଉଦଳା,୩।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଢ଼ୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଇନଭର୍ଟର, ବ୍ୟାଟେରି, ଆକ୍ୱାଗାର୍ଡ ସମେତ କେତେକ ଯନ୍ତ୍ରପାତି ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଶୁକ୍ରବାର ରାତିରେ ଚୋରମାନେ ଡାକ୍ତରଖାନା ମୁଖ୍ୟ କବାଟର ତାଲା ଭାଙ୍ଗି ଏସବୁ ଜିନିଷ ଚୋରି କରିଥିବା ପୋଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଏହି ଚୋରି ଘଟଣା ନେଇ ପୋଲିସ ଏକ ମାମଲା (ନଂ. ୯୪/୧୯ ) ରୁଜୁ କରି ଛାନଭିନ୍ ଆରମ୍ଭ କରିଛି।

### ବଜରଙ୍ଗ ଦଳର ପ୍ରସ୍ତୁତି ବୈଠକ

**ଧାମନଗର, ୩।୮ (ଡି.ଏନ୍.ଏ.):** ଧାମନଗର ବ୍ଲକ ଦକ୍ଷିଣବାଡ଼ଠାରେ ଧାମନଗର ବଜରଙ୍ଗ ଦଳ ପକ୍ଷରୁ ଆସନ୍ତା ଅଖଣ୍ଡ ଭାରତ ଦିବସ ଓ ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ସଂଯୋଜକ ବିପିନ ବିହାରୀ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ ସଂଯୋଜକ ସଞ୍ଜୟ କୁମାର ସ୍ୱାଇଁ, ବିଶ୍ୱ ହିନ୍ଦୁ ପରିଷଦ ଧାମନଗର ପ୍ରଖଣ୍ଡ ସମ୍ପାଦକ ପଙ୍କଜ କୁମାର ଦାସ, ଶକ୍ତିଦତ୍ତ ଦାସ, ରଞ୍ଜିତ ଭୂୟାଁ ଓ ଅଜିତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ତ୍ରିରଙ୍ଗା ଯାତ୍ରା ଓ ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଆଲୋଚନା କରାଯାଇଥିଲା। ଏଥିସହ ଧାମନଗରରେ ବଜରଙ୍ଗ ଦଳକୁ ସଶକ୍ତ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା।

### ବିଜେଡି ପକ୍ଷରୁ ଚାରାରୋପଣ

**ବନ୍ତ, ୩।୮ (ସ୍ୱ.ପ୍ର.):** ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ବନ୍ତଳାସ୍ଥିତ ବନ୍ତଳେଶ୍ୱର ମହାଦେବ ପୀଠ ପରିସରରେ ଯୁବ ବିଜେଡି ପକ୍ଷରୁ ଶନିବାର ଚାରାରୋପଣ କରାଯାଇଛି। ଉପସଭାପତି ଜ୍ୟୋତିପ୍ରକାଶ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କାଦବରାଙ୍ଗର ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଚିନ୍ମୟ ଦାସ ଏବଂ ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଭ୍ୟା ରେବତୀ ନାୟକ, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ଜିଲା ଛାତ୍ର ଉପସଭାପତି ହୃଦୟ ମହାପାତ୍ର, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ପ୍ରିୟବ୍ରତ ଦାସ, ଯୁବନେତା ବାସୁଦେବ ଜେନା, ଯୁବ ସଭାପତି ନିରଞ୍ଜନ ନାୟକ, ସମାଜସେବୀ ସୁନାରାଣୀ ପଣ୍ଡା ଓ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା ଯୋଗ ଦେଇଥିଲେ। ପରିବେଶକୁ ସୁସ୍ଥ ରଖିବା ଲାଗି ବୃକ୍ଷରୋପଣ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ବିଜୁ ଯୁବବାହିନୀର ସଭାପତି ବିଭୂତି ରାଉତ, ସମ୍ପାଦକ ପ୍ରତାପ ଦାସ, ଛାତ୍ରନେତା କାଳନ୍ଦୀ ଯେନା, ମହେନ୍ଦ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ

**ପଦ୍ମପୁର, ୩।୮ (ଡି.ଏନ.ଏ.):** ଭଦ୍ରକ ବ୍ଲକ ସାବରଙ୍ଗ ଗ୍ରାମର ଶିକ୍ଷାବିତ୍ ପ୍ରଭାକର ବେହେରାଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ ସାବରଙ୍ଗ ଏନ୍‌ଡିଏମ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେଇଥିଲେ। ସେ ବିଭିନ୍ନ ସମାଜସେବା କରିବା ସହ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଥିଲେ। ସାବରଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା ସମିତିର ସଭାପତି ଭାବେ କାର୍ଯ୍ୟ କରୁଥିଲେ। ଶନିବାର ତାଙ୍କର ପାର୍ଥିବ ଶରୀରକୁ ଶିଶୁ ବିଦ୍ୟାମନ୍ଦିର, ସାବରଙ୍ଗ ବଜାର, ଏନ୍‌ଡିଏମ୍ ସ୍କୁଲ ପରିକ୍ରମା କରାଯାଇ ଅନ୍ତିମ କ୍ରିୟା ପାଇଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ଜିଲାପରିଷଦ ସଭ୍ୟା ସୁକାନ୍ତି ନାୟକ, ସରପଞ୍ଚ, ସମିତିସଭ୍ୟା, ଲାଲାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଦଲ ମହାପାତ୍ର ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଛାତ୍ରୀଛାତ୍ର ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୩.୫୦ଲକ୍ଷ ଅନୁଦାନ ହଡ଼ପ ଅଭିଯୋଗ

## ରାସ୍ତା ନିର୍ମାଣ ନ ହୋଇ ବିଲ୍ ଉଠାଣ

**ତିହିଡ଼ି, ୩।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ରାଜନଗର ପଞ୍ଚାୟତର ଖଡ଼ିଯାଣ ଓ ଲକ୍ଷ୍ମୀପ୍ରସାଦ ଗ୍ରାମରେ ରାସ୍ତା ନିର୍ମାଣ ବାବଦକୁ ବ୍ଲକ କାର୍ଯ୍ୟାଳୟରୁ ମଞ୍ଜୁର ହୋଇଥିବା ୩ ଲକ୍ଷ ୫୦ ହଜାର ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଛି । ଏହି ଦୁଇ ଗ୍ରାମର ଅଧିବାସୀ ଶନିବାର ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ସେମାନେ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ବ୍ଲକ ଅଧକ୍ଷା ପ୍ରମୁଖଙ୍କ ନିକଟକୁ ଡାକ ଯୋଗେ ମଧ ଅଭିଯୋଗ ପଠାଇଛନ୍ତି। ଏହାର ତଦନ୍ତ କରି ଅନୁଦାନ ହଡ଼ପରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି ଜଣାଇଛନ୍ତି। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଅଭିଯୋଗର ତଦନ୍ତ କରିବାକୁ ବ୍ଲକ ସହକାରୀ ଯନ୍ତ୍ରୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଖଡ଼ିଯାଣ ଗ୍ରାମର ପ୍ରଧାନମନ୍ତ୍ରୀ ଗ୍ରାମସଡ଼କଠାରୁ ଅଙ୍ଗନୱାଡି କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ସିଏଫ୍‌ସି ଅନୁଦାନରୁ ଏହି ଅର୍ଥ ମଞ୍ଜୁର ହୋଇଥିଲା। ସେହିପରି ଲକ୍ଷ୍ମୀପ୍ରସାଦ ଗ୍ରାମର ପ୍ରଧାନମନ୍ତ୍ରୀ ଗ୍ରାମସଡ଼କଠାରୁ ବାରିକସାହି ଯାଏ ରାସ୍ତା ନିର୍ମାଣ ସକାଶେ ୧ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ୨୦୧୫-୧୬ ଆର୍ଥିକ ବର୍ଷରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଏହି ଅର୍ଥ ଯୋଗାଇ ଦିଆଯାଇଥିଲା। ଏହି ୨ ରାସ୍ତା ନିର୍ମାଣ କାର୍ଯ୍ୟ ଆଦୌ କରାଯାଇ ନ ଥିବାବେଳେ ବିଲ୍ ଉଠାଯାଇଛି। ଗ୍ରାମର ୱାର୍ଡସଦସ୍ୟ ସନାତନ ବାରିକ, ଭାଗୀରଥି ବାରିକ, ଅକ୍ଷୟ ଦାସ, ପ୍ରହ୍ଲାଦ ମହାକୁଡ଼, ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ।



ବିଚାରକମାନଙ୍କ ଦ୍ୱାରା ବିଜ୍ଞାନ ପ୍ରକଳ୍ପ ମୂଲ୍ୟାୟନ।

## ୭୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଧାମନଗର, ୩।୮ (ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଦ୍ୟାଳୟସ୍ତରୀୟ ୧୭ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ବର୍ଗରେ ୨୫, ବାଲ ବର୍ଗରେ ୩୫ ଓ କିଶୋର ବର୍ଗରେ ୧୨ ମୋଟ ୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକମାନେ ପ୍ରକଳ୍ପଗୁଡ଼ିକ ମୂଲ୍ୟାୟନ କରି ଶିଶୁ ବର୍ଗରୁ ୬, ବାଲ ବର୍ଗରୁ ୪ ଏବଂ କିଶୋର ବର୍ଗରୁ ୫ ପ୍ରକଳ୍ପ ସଂକୁଳସ୍ତରକୁ ମନୋନୀତ କରିଛନ୍ତି। ପୂର୍ବୋତ୍ତର ସମ୍ଭାଗ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଆନନ୍ଦବଜାର ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ବୈକୁଣ୍ଠ ନାଥ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜ୍ଞାନଭିତ୍ତିକ ପ୍ରକଳ୍ପ ତିଆରି କରି ପ୍ରଦର୍ଶିତ କରିବା ଦ୍ୱାରା ଛାତ୍ରୀଛାତ୍ର ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହେବାର ଆଶା ସଞ୍ଚାର ହୋଇଥାଏ ବୋଲି କହିଥିଲେ। ପ୍ରଧାନଆଚାର୍ଯ୍ୟ ନିତ୍ୟାନନ୍ଦ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସଭାପତି ଶ୍ରୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ଭୋଟରତାଳିକା ସଂଶୋଧନ ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅଙ୍ଗନୱାଡ଼ି କର୍ମୀ।

**ବନ୍ତ, ୩।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ଭୋଟର ତାଲିକା ସଂଶୋଧନ ନେଇ ବିଏଲ୍‌ଓ(ବୁଥ୍ ଲେବୁଲ୍ ଅଫିସର)ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଉପଜିଲାପାଳ ପୀତାମ୍ବର ସାମଲ, ତହସିଲଦାର ମନୋରମା ଜାଲି, ବିଡିଓ ରେବେକା ବିଲୁଙ୍ଗ, ଜିପିଓ ନିଶିକାନ୍ତ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଭୋଟର ତାଲିକା କିପରି ସଂଶୋଧନ କରାଯାଇ ପାରିବ ଏବଂ ନୂଆ ପଞ୍ଜୀକରଣ କିପରି ହେବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବ୍ଲକର ୧୩୯ଟି ବୁଥ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ଶିବିରରେ ୫୦ ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ୨ୟ ପର୍ଯ୍ୟାୟରେ ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ୫୦ ଜଣ ତାଲିମ ନେଇଥିବା ବେଳେ ଆସନ୍ତା ସୋମବାର ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ ମଧ୍ୟରେ ଅବଶିଷ୍ଟ ୩୯ କର୍ମଚାରୀ ପ୍ରଶିକ୍ଷଣ ନେବେ। ଆସନ୍ତା ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଚାଲିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

## ଚୋରି ସାମଗ୍ରୀ ଜବତ, ଚୋର ଗିରଫ

**ଆରଡ଼ି, ୩।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ବେତାଳିଗାଁ ବଜାରରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଦୋକାନରୁ ଚୋରି ହୋଇଥିଲା। ଧୂଷୁରୀ ଥାନା ପୋଲିସ ଶନିବାର ଏହି ଘଟଣାରେ ସମ୍ପୃକ୍ତ ଚୋରଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି। ଗିରଫ ବ୍ୟକ୍ତି ହେଲେ ବେତାଳିଗାଁ ଗ୍ରାମର ଜାଡୁ ନାୟକ। ପୋଲିସ ତାଙ୍କ ଘରୁ ୫୦ କେଜି ଚାଉଳ, ଏକ ଗ୍ୟାସ୍ ସିଲିଣ୍ଡର ଓ ଚୂଲା, ଏକ ଫ୍ୟାନ୍ ଜବତ କରିଛି। ଏ ନେଇ ଧୂଷୁରୀ ଥାନାରେ ଏକ ମାମଲା(ନଂ.୧୪୨/୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଧୂଷୁରୀ ନିକଟସ୍ଥ ପତ୍ରିସାହି ଗ୍ରାମର ଉମାକାନ୍ତ ପଣ୍ଡାଙ୍କର ବେତାଳିଗାଁ ବଜାରରେ ଚାଉଳ ଓ ଚା' ଦୋକାନ ଅଛି। ଶୁକ୍ରବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଜାଡୁ ଏହି ଦୋକାନରୁ ଚାଉଳ ବସ୍ତା ନେଇ କାନ୍ଧେଇ ନିଜ ଘରକୁ ଯାଉଥିବା ବଜାରର ଜଣେ ବ୍ୟକ୍ତି ଦେଖି ଉମାକାନ୍ତଙ୍କୁ ଫୋନ ଯୋଗେ ଜଣାଇଥିଲେ। ଉମାକାନ୍ତ ବଜାରକୁ ଆସି ତାଙ୍କ ଦୋକାନ କବାଟ ତଡ଼ା ଯାଇଥିବା ଓ କାନ୍ଥ ଭଙ୍ଗାଯାଇ ଚୋରି ହୋଇଥିବା ଦେଖି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଧୂଷୁରୀ ଥାନା ପୋଲିସ ଜାଡୁଙ୍କୁ ଗିରଫ କରିଥିଲା।

## ଭଣ୍ଡାରିପୋଖରୀ ଥାନାପୋଡ଼ି ସ୍ମାରକୀ ଉତ୍ସବ ପ୍ରସ୍ତୁତି

**ଭଣ୍ଡାରିପୋଖରୀ, ୩।୮ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଥାନାପୋଡ଼ିର ୭୭ତମ ସ୍ମାରକୀ ଉତ୍ସବ ଆସନ୍ତା ୧୭ ତାରିଖରେ ପାଳନ କରାଯିବ। ଗୁରୁବାର ସନ୍ଧ୍ୟାରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁରର ସଂଗ୍ରାମୀ ସଂଘ ଆବାହକ ବୈଲୋଚନ ଯେନା ବୈଠକରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ଓଡ଼ିଶାର ବିଭିନ୍ନ ଅଞ୍ଚଳର ବରପୁତ୍ରଙ୍କ ଦାୟାଦ ୨୭ ଜଣଙ୍କୁ ପିତ୍ତଳ କଳସ ଓ ଉତ୍ତରୀୟ, ମାନପତ୍ର ଭଦ୍ରକ ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ପ୍ରଦାନ କରି ସମ୍ବର୍ଦ୍ଧିତ କରିବାର ପ୍ରସ୍ତାବ ରହିଥିବା କହିଥିଲେ। ବରିଷ୍ଠ ନାଗରିକ ଲକ୍ଷ୍ମୀଧର ନାୟକ ସଭାପତିତ୍ୱ କରିଥିଲେ। ଥାନାଧିକାରୀ ସୁକାନ୍ତି କେରେଇ, ସ୍ଥାନୀୟ କଲେଜ ଅଧକ୍ଷ ଭରତ କରଣ, ଅନନ୍ତ ତ୍ରିପାଠୀ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ନଟବର ରାଉଳ, ଡମ୍ବରୁଧର ବେହେରା, ରବୀନ୍ଦ୍ର ସ୍ୱାଇଁ, ଗୋଲକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ଲାଗି ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

## ପ୍ରଫୁଲ୍ଲଙ୍କୁ ମିଳିଲା ରାଶନ କାର୍ଡ

**ଧରିତ୍ରୀ ପ୍ରଭାବ**

**କୁଆଁମରା, ୩।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକରେ ରାଶନ କାର୍ଡ ବଣ୍ଟନ ଓ ହତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଆରପଟା ପଞ୍ଚାୟତ ପାଳଶା ଗ୍ରାମର ପ୍ରଫୁଲ୍ଲ ଦଳେଇ (୬୪)ଙ୍କ ଭଳି ଗରିବ ବ୍ୟକ୍ତିଙ୍କୁ ଉପେକ୍ଷା କରି ରାସନ କାର୍ଡ ଦିଆଯାଇ ନ ଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଯୋଗାଣ ବିଭାଗ ଅଧିକାରୀ ସୂର୍ଯ୍ୟନାରାୟଣ ପଟ୍ଟନାୟକ ଶନିବାର ପ୍ରଫୁଲ୍ଲଙ୍କ ଘରକୁ ଯାଇ ଘଟଣାର ତଦନ୍ତ କରି ତାଙ୍କୁ ରାଶନ କାର୍ଡ ପ୍ରଦାନ କରିଛନ୍ତି। ଆସନ୍ତା ମାସଠାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରଫୁଲ୍ଲଙ୍କ ପରିବାର ନିୟମିତ ଚାଉଳ ପାଇବେ। ତାଙ୍କୁ ଖୁବ ଶୀଘ୍ର ଭତ୍ତା ପ୍ରଦାନ କରାଯିବ । ଉଲ୍ଲେଖନୀୟ ଯେ, ଦିନ ମଜୁରି ଲାଗି ଚଳୁଥିବା ପ୍ରଫୁଲ୍ଲଙ୍କର ଚାଷ ଜମି ନାହିଁ । ତାଙ୍କ ସ୍ତ୍ରୀ ରୋଗଣା। ଦୁଇ ପୁଅଙ୍କ ମଧ୍ୟରୁ ବଡପୁଅ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରଥିବା ବେଳେ ସାନପୁଅ ମାନସିକ ରୋଗାକ୍ରାନ୍ତ ହୋଇପଡିଛନ୍ତି। ଅର୍ଥାଭାବରୁ ତାଙ୍କର ମଧ ଚିକିତ୍ସା କରାଯାଇ ପାରୁ ନାହିଁ ।

## କ୍ଷମା ପ୍ରାର୍ଥନା ନ କଲେ ଆନ୍ଦୋଳନ




ଖବରଦାତା ସମ୍ମିଳନୀରେ ଭଦ୍ରକ ମୁସ୍‌ଲିମ ଜମାତର କର୍ମକର୍ତ୍ତା।

### ବିଧାୟକଙ୍କ ବିବାଦୀୟ ମନ୍ତବ୍ୟକୁ ବିରୋଧ

**ଭଦ୍ରକ ଅଫିସ, ୩।୮**

ଭଦ୍ରକ ଜିଲା ଧାମନଗର ବିଧାୟକ ବିଷ୍ଣୁ ସେଠୀ ବିଧାନସଭାରେ ସ୍ୱାମୀ ପରିତ୍ୟକ୍ତା ମୁସ୍‌ଲିମ ମହିଳାଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ଭଦ୍ରକ ମୁସ୍‌ଲିମ ଜମାତ ପକ୍ଷରୁ ନିନ୍ଦା କରାଯାଇଛି। ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏଭଳି ମନ୍ତବ୍ୟର ପ୍ରତିବାଦ କରାଯାଇଥିଲା। ବିଧାନସଭା ଭଳି ପବିତ୍ର ଗୃହରେ ବିରୋଧୀ ଦଳର ଉପନେତା ତଥା ବିଧାୟକ ସେଠୀ ତିନି ତଲାକର ମୂଳମନ୍ତ୍ର ବୁଝି ନ ପାରି ଏଭଳି ବୟାନ ପ୍ରକାଶ କରି ସମଗ୍ର ରାଜ୍ୟ ଓ ଦେଶରେ ମୁସଲିମ୍ ସମାଜ ଉପରେ କୁଠାରଘାତ କରିବା ସହ ରାଜ୍ୟର ଭାଇଚାରାକୁ ନଷ୍ଟ କରିଛନ୍ତି। ଏହା ଓଡ଼ିଶା ଏବଂ ଭାରତର ନାରୀ ସମାଜର ସମ୍ମାନ ଓ ଗାରିମାକୁ ମଧ ଛିନ୍ନଭିନ୍ନ କରିଦେଇଛି ବୋଲି ମୁସ୍‌ଲିମ ଜମାତ କର୍ମକର୍ତ୍ତା କହିଥିଲେ। ବିଧାୟକ ସେଠୀ ଏଥିପାଇଁ କ୍ଷମା ପ୍ରାର୍ଥନା ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଜମାତର ସଭାପତି ହାଜି ଅବଦୁଲ ବାରୀ, ହାଜି ଅନୱର ହୋସେନ, ସାଧାରଣ ସମ୍ପାଦକ ଶେଖ୍ ଏନାମ୍ ମହମ୍ମଦ, ସହସମ୍ପାଦକ ଶେଖ୍ ସିରାଜୁଦ୍ଦିନ, ଅବଦୁଲ ମୋକିତ ଖାଁ, ଉପସଭାପତି ମହମ୍ମଦ ଜକାୱଲା, ପୂର୍ବତନ ସଭ୍ୟ ଶେଖ୍ ସମ୍‌ଦାନୀ, ଶେଖ୍ ଜୁଲଫୁକାର, ଶାହୀଦ ଅହେମଦ, ଶେଖ୍ ଅବୁକଲାମ ଓ ଶେଖ୍ ଅନୱର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଜ୍ଞାନବିଜ୍ଞାନ ମେଳା

**ବଡ଼ସାହି,୩।୮(ସ୍ୱ.ପ୍ର.)**

ଶିକ୍ଷାବିକାଶ ସମିତି ପରିଚାଳିତ ବଡ଼ସାହି ବ୍ଲକ ଅଧୀନ ବେଲପାଳ ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଶନିବାର ଅନଷ୍ଠିତ ହୋଇଯାଇଛି। ମେଳାରେ ୩ଟି ବିଭାଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁବର୍ଗ ଓ ବାଲବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପ ସଙ୍କୁଳସ୍ତରୀୟ ମେଳାରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ବଳଭଦ୍ରପୁର ସିଆରସିସି ସଞ୍ଜୟ କୁମାର ପାତ୍ର ଓ ଶିଶୁମନ୍ଦିର ପରିଚାଳନା କମିଟିର ସଭାପତି ସୁଷମା ପାତ୍ର ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକଳ୍ପ ପ୍ରସ୍ତୁତ କରିଥିବା ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଭାରତର ସଂସ୍କୃତି ଓ ପରମ୍ପରା ସହିତ ସାମ୍ପ୍ରତିକ ବିଜ୍ଞାନର ସାମଞ୍ଜସ୍ୟ ସମ୍ପର୍କରେ ଉଭୟେ କହିବା ସହିତ ବିଜ୍ଞାନର ଭଲ ଦିଗକୁ ଗ୍ରହଣ କରି ଖରାପ ଗୁଣକୁ ପରିତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ଗୁରମା', ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି । ପରିଚାଳନା କମିଟିର ଉପସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।



ବେଲପାଳ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**କୁଆଁମରା, ୩।୮(ଡି.ଏନ. ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଶନିବାର ବ୍ଲକ ସଭାଗୃହରେ ବିଡିଓ ମନୋଜ କୁମାର ବେହେରାଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ବସିଥିଲା। ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ତହସିଲଦାର ସୁବ୍ରତ ବେହେରା, ଜିପିଓ ଜଗତେଶ୍ୱର ମାଝୀ, ପୋଲିସ ସବଇନ୍ସପେକ୍ଟର ସୌମ୍ୟ ରଞ୍ଜନ ଭୋଳ, ଯୋଗାଣ ବିଭାଗ ଅଧିକାରୀ ସତ୍ୟନାରାୟଣ ପଟ୍ଟନାୟକ, ଏବିଇଓ କୁଳମଣି ନାୟକ, ବିନୋଦ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା କରିଥିଲେ। ଖୁଣ୍ଟା ମିନିଷ୍ଟାଡିୟମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସକାଳ ୮ଟା ୩୦ ସୁଦ୍ଧା ଉପସ୍ଥିତ ରହିବେ। ୯ଟାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ ବୈଠକ ପରିଚାଳନା କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ଗୀତା ବିତରଣ

**ଭଣ୍ଡାରିପୋଖରୀ, ୩।୮ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ାସ୍ଥିତ ସୁବର୍ଣ୍ଣମୁଖୀ ନୋଡାଲ ଉ.ପ୍ରା. ବିଦ୍ୟାଳୟଠାରେ ଶନିବାର ଶିକ୍ଷା ସଂଯୋଜକ ପୁଷ୍ପକ ଚନ୍ଦ୍ର ଭାରତୀଙ୍କ ଅଧକ୍ଷତାରେ ଗୀତା ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୩୦ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଗୀତା ବଣ୍ଟନ କରିଥିଲେ। ଅତିଥି ଭାବେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ଯୋଗଦେଇ ଗୀତା ପଠନ ଦ୍ୱାରା ତିନିତାପର କଷ୍ଟ ଦୂର ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମହାପାତ୍ର ଓ ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଦିନ ଶ୍ରୀମଦ୍ ଭାଗବତ ଗୀତା ପାଠ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଭିଭାବକ ଅମିତା ପଣ୍ଡା, ସୁଭଦ୍ରା ସାହୁ, ଉଷାରାଣୀ ଭାରତୀ, ଝରଣା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କାର୍ତ୍ତିକ ଚନ୍ଦ୍ର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

### କାଳିଆସାହି ଅଙ୍ଗନୱାଡି କେନ୍ଦ୍ରରେ ତାଲା

## ଗ୍ରାମବାସୀଙ୍କ ସହ ଆଲୋଚନା ବିଫଳ

**କପ୍ତିପଦା,୩।୮(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ପିଙ୍ଗୁ ପଞ୍ଚାୟତ କାଳିଆସାହି ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଶିଶୁ, ଗର୍ଭବତୀ ଓ ପ୍ରସୂତୀମାନଙ୍କୁ ଦୀର୍ଘ ୩ ମାସ ଧରି ଖାଦ୍ୟ ପ୍ରଦାନ କରାଯାଇ ନାହିଁ । ଏହାର ପ୍ରତିବାଦରେ ଗ୍ରାମବାସୀ ଗତ ୨୯ ତାରିଖରୁ ଅଙ୍ଗନୱାଡି କେନ୍ଦ୍ର ତାଲା ପକାଇ ରଖିଛନ୍ତି। ଶନିବାର ଗ୍ରାମବାସୀଙ୍କ ସହ ପ୍ରଶାସନର ଆଲୋଚନା ବିଫଳ ହୋଇଥିବାରୁ ଅଙ୍ଗନୱାଡି କେନ୍ଦ୍ରରେ ଅଚଳାବସ୍ଥା ଲାଗି ରହିଛି। ଗ୍ରାମବାସୀ କହିଛନ୍ତି ଯେ, ଅଙ୍ଗନୱାଡି କେନ୍ଦ୍ର ସମସ୍ୟାର ସମାଧାନ କରା ନ ଯିବାରୁ ସେମାନେ କେନ୍ଦ୍ରରେ ତାଲା ପକାଇ କପ୍ତିପଦା ଆସି ମହିଳା ଶିଶୁ ବିକାଶ ଅଧିକାରୀ ମିତାରାଣୀ ବସା ଓ କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାପରେ ସିଡିପିଓଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଇଜର ନିରୂପମା ସିଂ ଶନିବାର ଗାଁକୁ ଯାଇ ଆଲୋଚନା କରିଥିଲେ। ସିଡିପିଓ ଘଟଣାସ୍ଥଳକୁ ଆସନ୍ତୁ ବୋଲି ଗ୍ରାମବାସୀ ଅଡି ବସିବାରୁ ଆଲୋଚନା ବିଫଳ ହୋଇଛି। ଏହି ପରିପ୍ରେକ୍ଷୀରେ ଅଙ୍ଗନୱାଡି କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ କେନ୍ଦ୍ରରେ ପରିଣତ କରିବା ଏବଂ ନୂତନ କର୍ମୀ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗତ ୩ ମାସ ଧରି ଖାଦ୍ୟ ଦିଆ ନ ଯିବା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଗ୍ରାମର ୱାର୍ଡ ମେମ୍ବର ସରସ୍ୱତୀ ମୁର୍ମୁ, ସୁନି ସରେନ, ପାର୍ବତୀ ଟୁଡୁ, ବୁଧୁନି ମୁର୍ମୁ, ଫୁଲ ସରେନ, ରମଣୀ ସରେନ, ମାଲ ମାରାଣ୍ଡି ଓ ଜବା ଟୁଡୁ ପ୍ରମୁଖ ଦାବି କରିଛନ୍ତି । ଏ ସମ୍ପର୍କରେ ନୁଦୁଡିହା ସେକ୍ଟର ସୁପରଭାଇଜର ନିରୂପମା ସିଂଙ୍କୁ ପଚାରିବାରୁ କହଛନ୍ତି, ଆଲୋଚନା ସମ୍ପୂର୍ଣ୍ଣ ହୋଇନି । ସିଡିପିଓ ଆସିବା ପରେ ଯାହା କିଛି ସମାଧାନ ହେବ।




■ ନାବାଳିକା ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ଭଦ୍ରକ ଅଫିସ, ୩।୮**

ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସ୍ୱତନ୍ତ୍ର ଅଦାଲତ ବିଚାରପତି ତଥା ଅତିରିକ୍ତ ଜିଲା ଜଜ୍ ପ୍ରଣତି ଶାହା ଅଭିଯୁକ୍ତ କାର୍ତ୍ତିକ ମଳିକ(୩୫)ଙ୍କୁ ୧୦ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି।

ଉଲ୍ଲେଖନୀୟ ଯେ, ଗତ ୨୦୧୭ ମେ ୨୦ ତାରିଖରେ ଜଣେ ନାବାଳିକାଙ୍କୁ ତିହିଡ଼ି ଥାନା ଅନ୍ତର୍ଗତ ତଳଦପା ଗ୍ରାମର କାର୍ତ୍ତିକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ତିହିଡ଼ି ଥାନାରେ ଏକ ମାମଲା(ନଂ.୧୮୯/୧୭) ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତ କାର୍ତ୍ତିକଙ୍କୁ ଗିରଫ କରି ଦଫା ୩୭୬, ୫୦୬ ଓ ପୋକ୍ସୋ ଆଇନର ଦଫା ୬ରେ ମାମଲା ରୁଜୁ କରି ଚାର୍ଜଶିଟ୍ ଦାଖଲ କରିଥିଲା। ସ୍ୱତନ୍ତ୍ର ଅଦାଲତ ସାକ୍ଷ୍ୟଙ୍କ ପ୍ରମାଣକୁ ଭିତ୍ତିକରି ଏହି ରାୟ ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କମଳାକାନ୍ତ ମହାପାତ୍ର ଓ ମନୋରଞ୍ଜନ ଦାସ ମାମଲା ପରିଚାଳନା କରିଥିଲେ।




# ଜବରଦଖଲ ଉଚ୍ଛେଦ ନେଇ ଚାପା ଉତ୍ତେଜନା

**ବାହାନଗା, ୩।୮(ଡି.ଏନ.ଏ.)**



ବାହାନଗା ବ୍ଲକ ଗୋପାଳପୁର ବେସରକାରୀ ଜମିକୁ ଅବରୋଧ କରାଯାଇଥିବା ସ୍ଥାନକୁ ପ୍ରଶାସନ ଦ୍ୱାରା ମପାଯାଉଛି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଗ୍ରାମରେ ମୁଖ୍ୟ ରାସ୍ତା କଡରେ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ନେଇ ଚାପା ଉତ୍ତେଜନା ଦେଖାଦେଇଛି। ବାଲେଶ୍ୱରରୁ ଧାମରାକୁ ଲାଗିଥିବା ସଲ୍ଟ ରୋଡ ଗୋପାଳପୁର ମଧ୍ୟ ଦେଇ ଯାଇଛି। ତେବେ ବଜାର ଉତ୍ତର କଡ ସଲ୍ଟରୋଡର ଗୋଟିଏ କଡରେ ବିଦ୍ୟୁତ ବିଭାଗ ତରଫରୁ ଖୁଣ୍ଟି ପୋତି ୩୩ କେଭି ବିଦ୍ୟୁତ ତାର ଟାଣି ନିକଟସ୍ଥ ଷ୍ଟ୍ରକଚରକୁ ଆଣୁଥିବା ବେଳେ ମିଶ୍ର ସାହି ନିକଟରେ କେତେକ ବ୍ୟକ୍ତି ତାଙ୍କ ଘର ଆଗ ଦେଇ ବିଦ୍ୟୁତ ତାର ଟାଣିବାକୁ ବିରୋଧ କରିଥିଲେ। ଫଳରେ ଦୀର୍ଘ ଦିନ ଧରି ବିଦ୍ୟୁତ ତାର ଟଣାଯିବାର ବ୍ୟାଘାତ ଘଟିଥିଲା । ଏନେଇ ବିଦ୍ୟୁତ ବିଭାଗ ତରଫରୁ ବାହାନଗା ତହସିଲଙ୍କୁ ଚିଠି ଲେଖି ମିଶ୍ର ସାହିରେ ରାସ୍ତା କଡରେ କେତେ କେଉଁଠି ସରକାରୀ ଜମି ଅଛି ବାହାର କରିବାକୁ କହିଥିଲେ। ଚିଠି ଅନୁଯାୟୀ ତହସିଲ ପ୍ରଶାସନ ପୋଲିସ୍ ଫୋର୍ସ ସହିତ ଅମିନ, ଆରଆଇ ଓ ତହସିଲଦାର ଦେବଯାନୀ ଭୂୟାଁ ପ୍ରମୁଖ ସରକାରୀ ଜମି ଜବରଦଖଲକୁ ଉଚ୍ଛେଦ ପାଇଁ ଘଟଣାସ୍ଥଳରେ ଉପସ୍ଥିତ ରହି ସରକାରୀ ଜମି କେଉଁଠି କେତେ ଅଛି ତାହା ମପାମପି କରି ଚିହ୍ନଟ କରିଥିଲେ। ମାତ୍ର ସେହି ଚିହ୍ନଟକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ଉଚ୍ଛେଦ କରିବାକୁ ଆସିଲେ ସେମାନେ ଜମି ଛାଡିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ପ୍ରଶାସନ ଦ୍ୱାରା ସରକାରୀ ଜମି ମପାମପି ହେବା ବେଳେ ୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ସମେତ ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ, ଏଏସ୍‌ଆଇ ପର୍ଶୁରାମ ଜେନା, ତହସିଲଦାର ଦେବଯାନୀ ଭୂୟାଁ ଓ ମୁଖ୍ୟ କିରାଣି ମନୋରଞ୍ଜନ ବେହେରା, ଆରଆଇ, ଅମିନମାନେ ଉପସ୍ଥିତ ରହି ମପାମପି କରି ଚିହ୍ନଟ କରିଛନ୍ତି। ତେବେ ଚିହ୍ନଟ ସ୍ଥାନଗୁଡିକରୁ ଯଥାଶୀଘ୍ର ଅବରୋଧକାରୀମାନେ ଉଚ୍ଛେଦ କରିଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅବରୋଧ କରିଥିବା ବ୍ୟକ୍ତିମାନେ ନିଜ ତରଫରୁ ସରାକରୀ ଜମିରୁ ହଟି ନ ଗଲେ ପ୍ରଶାସନ ତରଫରୁ ପରବର୍ତ୍ତୀ ସମୟରେ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ନାମରେ ଏକ ମାମଲା ରୁଜୁ ସହ ପ୍ରଶାସନ ନିଜେ ସରକାରୀ ଜମିକୁ ଉଚ୍ଛେଦ କରିବେ ବୋଲି ପ୍ରକାଶ କରିଛନ୍ତି ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ